

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୭ ଜୁନ୍ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦FRIDAY 07 June 2024
Vol.No. 35 ■ No.152 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଜୁନ୍ ୯ରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ମୋଦୀ

ନୂଆଦିଲ୍ଲୀ, ୬/୬ : ରବିବାର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇପାରନ୍ତି ନରେନ୍ଦ୍ର ମୋଦି। ପୂର୍ବରୁ ଶନିବାର(ଜୁନ୍ ୮)ରେ ଶପଥ ନେବା ନେଇ ଘୋଷଣା ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଶପଥ ଉତ୍ସବ କାର୍ଯ୍ୟାସୂଚୀରେ ପରିବର୍ତ୍ତନ କରାଯାଇଥିବା ବିଶେଷ ସୂତ୍ରରୁ ପ୍ରକାଶ ପାଇଛି। ବିଜେପି ନେତୃତ୍ୱାଧୀନ ଏନଡିଏ ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ଗତକାଲି ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କୁ ଭେଟି ଇସ୍ତଫା ଦେବା ସହ ସରକାର ଗଢିବା ନେଇ ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଇସ୍ତଫା ଗ୍ରହଣ କରିବା ସହ ନୂଆ



ସରକାର ପାଇଁ ଅନୁମତି ଦେବା ପରେ ଦଳ ପକ୍ଷରୁ ଶପଥ ଉତ୍ସବ ଜୁନ୍ ୮ ନେଇ ଘୋଷଣା ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ଶନିବାର ନୁହେଁ, ରବିବାର ନରେନ୍ଦ୍ର ମୋଦି ଶପଥ ନେଇପାରନ୍ତି। ରିପୋର୍ଟ ଅନୁସାରେ, ଏନଡିଏ ସହଯୋଗୀ ଦଳ ଟିଡିପି ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁଙ୍କ ଶପଥ ଉତ୍ସୋବ ତାରିଖ ପରିବର୍ତ୍ତନ କରାଯିବା ପରେ ଏହି ଅପଡେଟ୍ ଆସିଛି। ଚନ୍ଦ୍ରବାବୁ ନାଇଡୁ ଶନିବାର ଶପଥ ନେବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ପରେ ଜୁନ୍ ୧୨କୁ ଦିନ ଧାର୍ଯ୍ୟ କରାଯାଇଛି।

## ଇସ୍ତଫା ଦେଲେ ସୁରେଶ ମହାପାତ୍ର ଓ ଆର ବାଲକ୍ରିଷ୍ଣନ

ଭୁବନେଶ୍ୱର, ୬/୬ (ନି.ପ୍ର): ଚଳିତ ସାଧାରଣ ନିର୍ବାଚନରେ ବିଜେଡି ହାରିବା ପରେ ମୁଖ୍ୟମନ୍ତ୍ରୀ ପଦରୁ ନବୀନ ପଟ୍ଟନାୟକ ୫ ତାରିଖରେ ଇସ୍ତଫା ଦେଇଛନ୍ତି। ତାଙ୍କ ସହ ଏବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ଅନେକ ବରିଷ୍ଠ ଅଫିସର ଇସ୍ତଫା ଦେବା ଆରମ୍ଭ କରିଛନ୍ତି। କେତେକଙ୍କ କାର୍ଯ୍ୟକାଳ ଅତିବେଶୀରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ସହ ସମାନ ଥିବାରୁ ସେମାନେ ଇସ୍ତଫା ଦେବାକୁ ବାଧ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ ଗତ ନଭେମ୍ବର ମାସରେ ନିଯୁକ୍ତି ପାଇଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର। ସେ ବୁଧବାର ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫାକୁ ସାଧାରଣ ପ୍ରଶାସନ ବିଭାଗ ଗ୍ରହଣ କରିନେଇଛି। ସେହିଭଳି ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ଆର. ବାଲକ୍ରିଷ୍ଣନ୍ ମଧ ଇସ୍ତଫା ଦେଇଛନ୍ତି। ସୁରେଶ ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ଅଫିସର ମୁଖ୍ୟ ପରାମର୍ଶଦାତା ହେବା ପରେ ଆର ବାଲକ୍ରିଷ୍ଣନଙ୍କୁ ସ୍ୱତନ୍ତ୍ର ଉପକ୍ରମ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଥିଲେ ମୁଖ୍ୟମନ୍ତ୍ରୀ। ବାଲକ୍ରିଷ୍ଣନଙ୍କୁ ମୁଖ୍ୟ ସଚିବ ▶▶ପୃଷ୍ଠା ୭

## ଇସ୍ତଫା ଦେଲେ ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା

ଭୁବନେଶ୍ୱର, ୬/୬ (ନି.ପ୍ର): ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସ୍ଥାନରେ ସରକାରୀ ଓକିଲ ଜ୍ୟୋତିପ୍ରକାଶ ପଟ୍ଟନାୟକ ଇନଚାର୍ଜ ଆଡଭୋକେଟ୍ ଜେନେରାଲ ଭାବେ ଦାୟିତ୍ୱ ତୁଲାଇବେ। ଶ୍ରୀ ପଟ୍ଟନାୟକ ନିଜ ଦାୟିତ୍ୱ ସହ ଅତିରିକ୍ତ ଭାବେ 'ଆଡଭୋକେଟ୍ ଜେନେରାଲ'ଙ୍କ ଦାୟିତ୍ୱ



ତୁଲାଇବେ ବୋଲି ଜଣାପଡ଼ିଛି। ଆଇନ ବିଭାଗରୁ ମିଳିଥିବା ସୂଚନା ଅନୁସାରେ, ନିର୍ବାଚନ ଫଳାଫଳ ଆସିବା ପରେ ଆଡଭୋକେଟ୍ ଜେନେରାଲ ▶▶ପୃଷ୍ଠା ୭

## ରାତାରାତି ଲକ୍ଷ୍ମୀ ବସ୍‌ରୁ 'ଲକ୍ଷ୍ମୀ' ଷ୍ଟିକର ଗାଏବ

ଭୁବନେଶ୍ୱର, ୬/୬ (ନି.ପ୍ର): ପ୍ରତି ଗାଁକୁ ସହର ସହିତ ଯୋଡ଼ିବା ପାଇଁ ରାଜ୍ୟ ସରକାର ଚଳାଇଥିଲେ 'ଲକ୍ଷ୍ମୀ' ବସ୍। ହେଲେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ସେହି ବସ୍‌ରେ ଲାଗିଥିବା 'ଲକ୍ଷ୍ମୀ' ଷ୍ଟିକର ଗାଏବ ହୋଇଯାଇଛି। ଆଜି ନକ୍ସଲ ପ୍ରବଣ ମାଲକାନଗିରି ଜିଲ୍ଲାରେ ଗଡୁଥିବା ବସ ଗୁଡ଼ିକରେ 'ଲକ୍ଷ୍ମୀ' ଷ୍ଟିକର ନଥିବା ଦେଖିବାକୁ ମିଳିଛି। ଯେଉଁଥିପାଇଁ ବସ୍ ଯାତ୍ରୀଙ୍କ ମଧରେ ସନ୍ଦେହ ସୃଷ୍ଟି ହୋଇଛି। ବସ୍ ସେବା ବନ୍ଦ ହୋଇଯିବ ବୋଲି ଯାତ୍ରୀଙ୍କ ସନ୍ଦେହ ପ୍ରକାଶ ପାଉଛି।



ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ପ୍ରତି ପଞ୍ଚାୟତକୁ ଚଲାଇଥିଲେ 'ଲକ୍ଷ୍ମୀ ବସ୍'। ବସ୍ ଗୁଡ଼ିକ ଶୀତତାପ ନିୟନ୍ତ୍ରିତ। ସେହି ବସ୍ ଗୁଡ଼ିକର ଉଭୟ ପାର୍ଶ୍ୱରେ ଦୁଇ ଜଣ ମହିଳା ଶଙ୍ଖ ଫୁଙ୍କୁଥିବାର ଚିହ୍ନରେ ଥିବା ବେଳେ ମଝିରେ ମାଆ ଲକ୍ଷ୍ମୀଙ୍କ ପଦ ଚିହ୍ନ ଥିଲା।

## ଓଡ଼ିଶାରୁ ହଟିଲା ନିର୍ବାଚନୀ ଆଦର୍ଶ ଆଚରଣ ବିଧି




ଭୁବନେଶ୍ୱର, ୬/୬ (ନି.ପ୍ର): ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଗତ ମାର୍ଚ୍ଚ ୧୬ତାରିଖରୁ ବଳବତ୍ତର ରହିଥିଲା । ରାଜ୍ୟରେ ୪ଟି ପର୍ଯ୍ୟାୟରେ ବିଧାନସଭା ଓ ଲୋକସଭା ନିର୍ବାଚନ ଶେଷ ହୋଇଛି । ବିଜେପି ବିପୁଳ ବିଜୟ ସହ ରାଜ୍ୟରେ ପ୍ରଥମଥର ପାଇଁ ସରକାର ଗଠନ କରିବାକୁ ଯାଉଛି । ରାଜ୍ୟରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧି ଆଜି ପ୍ରତ୍ୟାହାର ହୋଇଛି । ନିର୍ବାଚନ ଆୟୋଗ ଆଜି ଓଡ଼ିଶାର ମୁଖ୍ୟ ସଚିବ ଓ କେନ୍ଦ୍ର କ୍ୟାବିନେଟ୍ ସଚିବଙ୍କୁ ଚିଠି ଲେଖି ଏନେଇ ଅବଗତ କରାଇଛନ୍ତି । ଏପଟେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଜି ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ଓଡ଼ିଶାର ସପ୍ତଦଶ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ପ୍ରଦାନ କରିଛନ୍ତି । ଓଡ଼ିଶାର ନୂଆ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ହେବାପରେ ଓଡ଼ିଶା ଗେଜେଟରେ ମଧ ଏହା ପୁନଃ ବିଜ୍ଞପିତ ହୋଇଛି । ରାଜ୍ୟପାଳ ଶ୍ରୀ ଦାସଙ୍କୁ ଆଜି ରାଜଭବନରେ ନିଜର ଟିମ୍ ସହ ଭେଟି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଏହି ବିଜ୍ଞପ୍ତି ପ୍ରଦାନ କରିଛନ୍ତି। ଓଡ଼ିଶାରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ପାଇଁ ରାଜ୍ୟପାଳ ଶ୍ରୀ ଦାସ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳଙ୍କୁ ମଧ ସାଧୁବାଦ ଜଣାଇଛନ୍ତି । ସୂଚନାଯୋଗ୍ୟ, ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଗତ ମାର୍ଚ୍ଚ ୧୬ତାରିଖରୁ ବଳବତ୍ତର ରହିଥିଲା । ରାଜ୍ୟରେ ୪ଟି ପର୍ଯ୍ୟାୟରେ ବିଧାନସଭା ଓ ଲୋକସଭା ନିର୍ବାଚନ ଶେଷ ହୋଇଛି । ବିଜେପି ବିପୁଳ ବିଜୟ ସହ ରାଜ୍ୟରେ ପ୍ରଥମଥର ପାଇଁ ସରକାର ଗଠନ କରିବାକୁ ଯାଉଛି ।

## ଦିଲ୍ଲୀର ତାଜ୍ ହୋଟେଲରେ ଡେରା ପକାଇଛନ୍ତି ପାଣ୍ଡିଆନ: ଓଡ଼ିଶା ନିବାସରେ କୁଛେ ହଟହଟା

ଭୁବନେଶ୍ୱର, ୬/୬ (ନି.ପ୍ର): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆତ୍ମଘୋଷିତ ଉତ୍ତରାଧିକାରୀ ହୋଇ ଉଭୟ ଦଳ ଓ ସରକାରରେ ଏକଛତ୍ରବାଦୀ ଚଳାଇଥିବା ଭିକେ ପାଣ୍ଡିଆନଙ୍କ ପତ୍ତା ମିଳିଛି । ଗତ ୪ତାରିଖରେ ସାଧାରଣ ନିର୍ବାଚନ ଫଳାଫଳ ଆସିବା ପରଠୁ ପାଣ୍ଡିଆନ ସର୍ବସାଧାରଣରେ ନିଖୋଜ ହୋଇଯାଇଥିଲେ। ପାଣ୍ଡିଆନଙ୍କ ରାଜନୀତିକ ମହତ୍ୱାକାଂକ୍ଷା ଓ ଭୁଲ୍ ନିର୍ବାଚନୀ ରଣନୀତି ଯୋଗୁ ବିଜେଡିର ଦୁର୍ଗକୁ ଧୂଳିସାତ କରିବାରେ ବିଜେପି ସକ୍ଷମ ହୋଇଛି। ସେହିପରି ବିଜେଡିର ବିପର୍ଯ୍ୟୟର ଅନ୍ୟତମ ଖଳନାୟକ



ଡିଏସ କୁଛେଙ୍କୁ ମଧ ଓଡ଼ିଶା ନିବାସରେ ହଟହଟା ହେବାକୁ ପଡ଼ିଥିବା ଚର୍ଚ୍ଚା। ଚଳିତ ସାଧାରଣ ନିର୍ବାଚନରେ ବିଜେଡିକୁ ଶକ୍ତ ଝଟକା ଦେଇ ରାଜ୍ୟରେ ବିଜେପି ଆସନ୍ତା ୧୦ତାରିଖରେ ଏକାକୀ ସରକାର ଗଠନ କରିବାକୁ ଯାଉଛି। ସାଧାରଣ ନିର୍ବାଚନ ଫଳାଫଳ ବିଜେଡି ପାଇଁ ଅପ୍ରତ୍ୟାଶିତ ହୋଇଛି। ଆଉ ନବୀନଙ୍କୁ ଢ଼ାଲ କରି ବିଜେଡିର ନେତୃତ୍ୱ ନେଉଥିବା ପାଣ୍ଡିଆନ ଦଳର ଏହି ନିର୍ବାଚନୀ ବିପର୍ଯ୍ୟୟ ପରଠୁ ନିଖୋଜ ହୋଇଯାଇଛନ୍ତି । ଗଣମାଧ୍ୟମ ସାମ୍ନାକୁ ଆସୁନାହାନ୍ତି କିମ୍ବା ନିଜର ପ୍ରତିକ୍ରିୟା ଦେଉନଥିବାରୁ ସେ କେଉଁଠି ଅଛନ୍ତି ତାକୁ ନେଇ ନାନାଦି କଳ୍ପନାଜଳ୍ପନା ଲାଗି ରହିଥିଲା। ତେବେ ମିଳିଥିବା ସୂଚନା ଅନୁସାରେ, ପାଣ୍ଡିଆନ ୪ତାରିଖ ନିର୍ବାଚନୀ ଫଳାଫଳ ପ୍ରକାଶ ପାଇବା ପରେ ଭୁବନେଶ୍ୱରରେ ଥିଲେ । ସେ ୪ ଓ ୫ତାରିଖ ଦୁଇଦିନ ଧରି କିଛି ସମୟ ପାଇଁ ନବୀନ ନିବାସକୁ ଯାଇଥିଲେ। ୫ତାରିଖ ରାତି ▶▶ପୃଷ୍ଠା ୭

## ବରିଷ୍ଠ ନେତାଙ୍କୁ ନିର୍ବାଚନ ପରିଚାଳନାରୁ ଦୂରେଇ ରଖିବା ପରାଜୟର କାରଣ: ବିଜେଡି ନେତା


ଭୁବନେଶ୍ୱର, ୬/୬ (ନି.ପ୍ର): ୨୪ ବର୍ଷ ଧରି ଶାସନ ଗାଦିରେ ବସିଥିଲା ବିଜେଡି। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କେତେ କ'ଣ ଯୋଜନା କରିଥିଲା। ଏତେ ସବୁ ଯୋଜନା ସତ୍ତ୍ୱେ ଷଷ୍ଠ ପାଳିରେ କାହିଁକି ହାମୁଡେଇ ପଡ଼ିଲା ବିଜେଡି ଏହାକୁ ନେଇ ଘଣ୍ଟାଚକଟା ଆରମ୍ଭ ହୋଇଥିବା ବେଳେ ଆଜି ପରାଜୟର କାରଣ କହିଛନ୍ତି ପୂର୍ବତନ ଅର୍ଥ ମନ୍ତ୍ରୀ ଶଶିଭୂଷଣ ବେହେରା। ନିର୍ବାଚନ ପରିଚାଳନାରେ ବରିଷ୍ଠ ନେତାଙ୍କୁ ଦୂରେଇ ରଖିବା ଯୋଗୁ ବିଜେଡି ହାରିଥିବା ସେ କହିଛନ୍ତି। ଶ୍ରୀ ବେହେରା କହିଛନ୍ତି, ଓଡ଼ିଶାରେ ଲୋକସଭା ଓ ବିଧାନସଭା ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।



ସମସ୍ତ ଏକ୍‌ଜିଟ୍ ପୋଲ୍ ଓ ଆକଳନକୁ ପଛରେ ପକାଇ ଯେଉଁ ଫଳାଫଳ ଆସିଲା, ତାହା ନିଶ୍ଚିତ ଭାବେ ଅଭୁତପୂର୍ବ। କିନ୍ତୁ ଓଡ଼ିଶାରେ ଏବେ ମଧ ନବୀନ ପଟ୍ଟନାୟକ ▶▶ପୃଷ୍ଠା ୭

## ଜୁନ୍ ୯ ନୁହେଁ, ୧୨ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ଚନ୍ଦ୍ରବାବୁ ନାଇଡୁ

ନୂଆଦିଲ୍ଲୀ, ୬/୬ : ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି ନବନିର୍ବାଚିତ ବିଧାୟକ ଚନ୍ଦ୍ରବାବୁ ନାଇଡୁ। ପୂର୍ବରୁ ସେ ଜୁନ୍ ୯ରେ ଶପଥ ନେବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଥିଲା କିନ୍ତୁ ସଦ୍ୟତମ ରିପୋର୍ଟ ଅନୁସାରେ ଜୁନ୍ ୧୨ରେ ଶପଥ ସମାରୋହ ରହିଛି। ଏହି ଶପଥ ସହ ତେଲୁଗ ଦେଶମ ପାର୍ଟି(ଝଡଚ) ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ସେ ୧୯୯୫ରୁ ୧୯୯୯ ପର୍ଯ୍ୟନ୍ତ ଏବଂ ପରେ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ଦକ୍ଷିଣ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହାପରେ ୨୦୧୪ରେ ରାଜ୍ୟ ବିଭାଜନ ପରେ ତୃତୀୟ ପାଳି ପୂରା କରିଥିଲେ। କିନ୍ତୁ ୨୦୧୯ରେ ଣଝଜ କଂଗ୍ରେସର



ଜଗନ ମୋହନ ରେଡ୍ଡୀ ତାଙ୍କଠାରୁ ପଦ ଛଡ଼ାଇ ଆଣିଥିଲେ। ପାଞ୍ଚ ବର୍ଷ ପରେ ପୁଣି ସତ୍ତାକୁ ଫେରିଛନ୍ତି ଚନ୍ଦ୍ରବାବୁ ନାଇଡୁ। ୧୭୫ ଆସନ ବିଶିଷ୍ଟ ଆନ୍ଧ୍ରପ୍ରଦେଶ ବିଧାନସଭା ପାଇଁ ଏଥର ହୋଇଥିଲା ଜୋରଦାର ଫାଇଟ୍। ଣଝଜ କଂଗ୍ରେସକୁ ସତ୍ତାରୁ ହଟାଇବା ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ସହ ମେଣ୍ଟ କରିଥିଲେ ଟିଡିପି ଓ ଜେଏସପି(ଜନ ସେନା ପାର୍ଟି)। ଟିଡିପିକୁ ୧୩୫ ଆସନ ମିଳିଥିବା ବେଳେ ଜନ ସେନାକୁ ୨୧ ଓ ବିଜେପିକୁ ମିଳିଥିଲା ୮ଟି ଆସନ। ସଂଖ୍ୟା ଗରିଷ୍ଠତା ସହ ଟିଡିପି ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି।

## ଶେୟାର ବଜାର କ୍ରାଶ ଘଟଣା: ମୋଦିଙ୍କୁ ଟାର୍ଗେଟ କରି ତଦନ୍ତ ଦାବି କଲେ ରାହୁଲ ଗାନ୍ଧି

ନୂଆଦିଲ୍ଲୀ, ୬/୬ : କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଏଥିସହ ରେଜଲ୍ଟ ଘୋଷଣା ଦିନ ଅର୍ଥାତ ଜୁନ ୪ରେ ଷ୍ଟକ ମାର୍କେଟ ଭୁଶୁଡ଼ିବା ଘଟଣାର ଯୁଗ୍ମ ସଂସଦୀୟ କମିଟି(ଜେପିସି) ତଦନ୍ତ କରିବାକୁ ଦାବି କରିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ କାହିଁକି ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହ ବରିଷ୍ଠ ବିଜେପି ନେତାମାନେ ଷ୍ଟକ ମାର୍କେଟ ଉପରେ ମନ୍ତବ୍ୟ ରଖିଥିଲେ ବୋଲି ମଧ ରାହୁଲ ଗାନ୍ଧି ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, "ପ୍ରଥମଥର ପାଇଁ ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଷ୍ଟକ



ମାର୍କେଟ ସମ୍ପର୍କରେ ବୟାନ ଦେଇଛନ୍ତି। ମୋଦି କହିଥିଲେ ଷ୍ଟକ ମାର୍କେଟ ଜୋରରେ ଉପରକୁ ଉଠୁଛି। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଜୁନ ୪ରେ ଷ୍ଟକ ମାର୍କେଟ ବୃଦ୍ଧି ପାଇବ ଓ ଆପଣମାନେ ଏଥିରେ ପୁଞ୍ଜିନିବେଶ କରିବା ଉଚିତ। ସମାନ ଦାବି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ କରିଥିଲେ। ଜୁନ ୪ ପୂର୍ବରୁ ଶେୟାର କଣିବାକୁ ମଧ ଅମିତ ଶାହ ପରାମର୍ଶ ଦେଇଥିଲେ। ମେ' ୧୯ରେ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ଜୁନ ୪ରେ ଷ୍ଟକ ମାର୍କେଟ ସବୁ ରେକର୍ଡ ଭାଙ୍ଗିବ।" ଜୁନ ୪ରେ ଭୋଟ ଗଣତି ଆରମ୍ଭ ହେବା ସହ ବିଜେପି ତଳକୁ ଖସିବା ଆରମ୍ଭ କରିଥିଲା। ଫଳରେ ବିଏସ୍‌ଇ ସେନସେକ୍ସ ୬% ହ୍ରାସ ପାଇଥିଲା। ଏଥିଯୋଗୁ ଗୋଟିଏ ଝଟକାରେ ନିବେଶକମାନେ ଷ୍ଟକ ମାର୍କେଟରେ ୩୧ ଲକ୍ଷ କୋଟି ଟଙ୍କାର କ୍ଷତି ସହି ଥିଲେ। ବିଜେପି ଜିତିବା ସହ ଗୋଟିଏ ସ୍ଥିର ସରକାର ହେବା ଆଶାରେ ଷ୍ଟକ ମାର୍କେଟରେ ଟଙ୍କା ଲଗାଇଥିବା ଲୋକଙ୍କୁ କ୍ଷତି ସହିବାକୁ ପଡ଼ିଛି। ଏହାର କ୍ରୋନୋଲୋଜିକୁ ବୁଝାଇବାକୁ ଯାଇ ରାହୁଲ ଗାନ୍ଧି କହିଛନ୍ତି, "ବିଜେପିର ଇଣ୍ଟରନାଲ ଏଜେନ୍ସି ସର୍ଭେ କରି ଜାଣିବାକୁ ପାଇଥିଲା ଯେ ବିଜେପି ୨୦୦ରୁ ୨୨୦ ଆସନ ପାଇବ। ଏହାପରେ ଷ୍ଟକ ମାର୍କେଟ ଜୁନ ୩ରେ ଅଭିବୃଦ୍ଧିର ସବୁ ରେକର୍ଡ ଭାଙ୍ଗି ଥିଲା। ଜୁନ ୪ରେ ଏହା ପୂରା ତଳକୁ ଖସି ଯାଇଥିଲା। କାହିଁକି ପ୍ରଧାନମନ୍ତ୍ରୀ ଓ ▶▶ପୃଷ୍ଠା ୭

## ଯୁବକଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା

ଗଞ୍ଜାମ, ୬/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଅଧୀନ ଧରାକୋଟ ବ୍ଲକ ଶୁଣ୍ଡିପଲ୍ଲୀ ଗାଁରେ ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକଙ୍କ ନାଁ ମିଟୁ ବିଶୋୟୀ। ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତକାଲି ରାତି ପ୍ରାୟ ୧୦ଟା ବେଳେ ମିଟୁ ବିଶୋୟୀ ଓ କାଳୁ ନାୟକଙ୍କ ମଧରେ ହୋଇଥିଲା ବଚସା। କାଳୁ ଉତକ୍ଷିପ୍ତ ହୋଇ ମିଟୁଙ୍କୁ ଏକ ଠେଙ୍ଗା ସାହାଯ୍ୟରେ ଆକ୍ରମଣ କରି ଲହୁଲୁହାଣ କରିବା ପରେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମିଟୁଙ୍କୁ ଉଦ୍ଧାର କରି ଆସ୍କା ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନକୁ ନିଆଯାଇଥିଲା। କିନ୍ତୁ ମିଟୁଙ୍କର ମୃତ୍ୟୁ ଘଟିଥିଲା।

## କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ଈଶ୍ୱର ଚନ୍ଦ୍ର ସାହୁଙ୍କ ସ୍ମୃତିଚାରଣ ସଭା

କେନ୍ଦ୍ରାପଡ଼ା, ୬/୬ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ କେନ୍ଦ୍ରାପଡ଼ାସ୍ଥ ଡଃ ବାସୁଦେବ ଦାସଙ୍କ ବାସଭବନରେ ଈଶ୍ୱର ଚନ୍ଦ୍ର ସାହୁଙ୍କ ଏକଦଶାହରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଡଃ ବାସୁଦେବ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାର ପ୍ରାରମ୍ଭରେ ଈଶ୍ୱର ସାର୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଈଶ୍ୱର ସାର୍ ଥିଲେ ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ସମାଜସେବୀ, ମେଳାପୀ, ସରଳ ଓ ଧର୍ମପ୍ରାଣ ବ୍ୟକ୍ତି। ସେ ୯୭ ବର୍ଷ ବୟସରେ ନିଜ ବାସଭବନ ଚାଟରା ପାଟଣାରେ ଇହଧାମ ତ୍ୟାଗ କରିଥିଲେ। ତାଙ୍କର ବିୟୋଗରେ ଏକ ପିଢିର ଅନ୍ତ ଘଟିଲା। ଦୀର୍ଘଦିନ ହେବ ସେ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦର ଉପଦେଷ୍ଟା ଭାବରେ ରହିଆସିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ, କାର୍ଯ୍ୟକାରୀ ସଭାପତି କବି କରୁଣାକର ଦାସ, ଉପସଭାପତି ପାର୍ବତୀ ନାୟକ, ସଂଗଠନର ସମ୍ପାଦକ ଆଦିକନ୍ଦ ରାଉଳ, ସହସମ୍ପାଦକ ଶରତ କୁମାର ରାଉତ, କୋଷାଧ୍ୟକ୍ଷ ନୃସିଂହ ଚରଣ ତ୍ରିପାଠୀ, ସମାଜସେବୀ ରମଣୀ ରଞ୍ଜନ ରାଉତରାୟ, ଗୌରାଙ୍ଗ ଚରଣ ସାହୁ ପ୍ରଭୃତି ଯୋଗଦାନ କରି ଈଶ୍ୱର ସାର୍‌ଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ। ସାହିତ୍ୟ ସଂସଦର ମୁଖପାତ୍ର ଦିଗ୍‌ବଳୟରେ ଗୋଟିଏ ପୃଷ୍ଠା ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବାକୁ ସ୍ଥିର କରାଗଲା। ଏହି ଅବସରରେ କେନ୍ଦ୍ରାପଡ଼ାର ନବନିର୍ବାଚିତ ସାଂସଦ ବୈଜୟନ୍ତ ପଣ୍ଡା ଏବଂ କେନ୍ଦ୍ରାପଡ଼ା ବିଧାନସଭା ମଣ୍ଡଳୀର ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ସମସ୍ତ ବିଧାୟକଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ତରଫରୁ ସ୍ୱାଗତ କରାଯାଇଥିଲା।

# ସାଇବର ଠକ ଦୁଇ ଭାଇଙ୍କ କାରନାମା: ଦେଶରୁ ଲୁଟିଲେଣି ହଜାରେ କୋଟି ଟଙ୍କା



କଟକ, ୬/୬ (ନି.ପ୍ର): ଓଡ଼ିଶା ସମେତ ସାରା ଦେଶରେ ଅନଲାଇନ୍ ନିବେଶ କେଳେଙ୍କାରୀ ସଂପର୍କିତ ବିସ୍ଫୋରକ ତଥ୍ୟ ସାମନାକୁ ଆଣିଛି କ୍ରାଇମବ୍ରାଞ୍ଚ। ଏହି କେଳେଙ୍କାରୀ ପଛରେ ଦୁଇ ଅନ୍ତର୍ଜାତୀୟ ସାଇବର୍ ଲୁଟେରା ସୟଦ ସମଦ୍ ଓ ସୟଦ ସଲିମଙ୍କ ପରିଚୟ ସାମନାକୁ ଆସିଛି। ଗୁଜୁରାଟ ଅହମଦାବାଦର ଏହି ଦୁଇ ଭାଇ ଓଡ଼ିଶା ସମେତ ସାରା ଦେଶରୁ ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଦୁଇ ଭାଇ ଏବେ ଓଡ଼ିଶା କ୍ରାଇମବ୍ରାଞ୍ଚ ସମେତ ସାରା ଦେଶରେ ମୋଷ୍ଟ ୱାଣ୍ଟେଡ ତାଲିକାରେ ରହିଛନ୍ତି। ସୂଚନା ଅନୁଯାୟୀ, ଦେଶରେ ଏବେ ଅନଲାଇନରେ ଅର୍ଥ ନିବେଶ ଆଳରେ ସାଇବର୍ ଅପରାଧୀମାନେ ନକଲି ଟ୍ରେଡିଂ ଆପ୍ଲିକେସନ ଖୋଲି ନିବେଶକଙ୍କ ଟଙ୍କା ଠକିନେଉଛନ୍ତି। କ୍ରାଇମବ୍ରାଞ୍ଚର ସାଇବର୍ ଥାନା ସମେତ ରାଜ୍ୟର ମୋଟ ୧୫ ସାଇବର୍ ଥାନାରେ ସମାନ୍ତରାଳ ଭାବେ ମାମଲା ରୁଜୁ ହେଉଛି। ତେବେ ଧାମରା ବନ୍ଦରର ମାନବ ସମ୍ବଳ ଅଧିକାରୀ ଭୁବନେଶ୍ୱର ଲିଙ୍ଗରାଜ ଥାନା ଅଞ୍ଚଳର ବାସିନ୍ଦା ସତ୍ୟଜିତ ରଥଙ୍କୁ ଅନଲାଇନ୍ ଟ୍ରେଡିଂରେ ଆମେରିକୀୟ ଡଲାର୍ ରୋଜଗାର କରିବାର ଲୋଭ ଦେଖାଇ ଏହି ଗ୍ୟାଙ୍ଗ୍ ତାଙ୍କ ଠାରୁ ୬୦ ଲକ୍ଷ ୯୫ ହଜାର ଟଙ୍କା ଲୁଟି ନେଇଥିଲେ। ମାମଲାର ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ ଦୁଇ ଭାଇଙ୍କ ଠିକଣା ପାଇଛି। ଏହି କାରବାର ପଛର ବଡ଼ ଏଜେଣ୍ଟ ଅହମ୍ମଦାବାଦ ଭେଜଲପୁର ଥାନା ଅନ୍ତର୍ଗତ ଫତ୍ୱୋଡ଼ିର ଅହେମଦଖାନ୍ ସରଦାରଖାନ ବାଲୋଚ ମାଧ୍ୟମରେ କ୍ରାଇମବ୍ରାଞ୍ଚ ଟିମ୍ ଏହି ଦୁଇ ଭାଇଙ୍କ କେଳେଙ୍କାରୀ ସାମନାକୁ ଆଣିଛି। କେଳେଙ୍କାରୀ ପଛର ମାଷ୍ଟରମାଇଣ୍ଡ୍ ସୟଦ ସମଦ୍ ଅହମଦାବାଦର ବାସିନ୍ଦା ହୋଇଥିବା ବେଳେ ସେ ଏବେ ମୁମ୍ବାଇରେ ରହୁଛି। ତା' ସାନ ଭାଇ ସୟଦ ସଲିମ୍ ଦୁବାଇରେ ରହୁଛି। ଦୁବାଇରେ ଥିବା ସାନ ଭାଇ ସଲିମ୍ ଘର କରି ସ୍ଥାୟୀ ବାସିନ୍ଦା ହୋଇ ରହିଥିବା ବେଳେ ସେ ସେଠାରେ ନକଲି ଅନଲାଇନ୍ ଟ୍ରେଡିଂ ଆପ୍ଲିକେସନ୍ ପ୍ରସ୍ତୁତ କରୁଛି। ବଡ଼ ଭାଇ ସମଦ୍ ଭାରତରୁ ନିବେଶ କେଳେଙ୍କାରୀ ମାଧ୍ୟମରେ ଟଙ୍କା ସଂଗ୍ରହ କରୁଛି। ଦୁଇ ଭାଇ ମିଶି ନକଲି ଟ୍ରେଡିଂ ଆପ୍ଲିକେସନ ମାଧ୍ୟମରେ ଠକେଇ କରି ଆସୁଛନ୍ତି। ଦୁଇ ଭାଇଙ୍କର ଅହମ୍ମଦାବାଦ ଭେଜଲପୁର ଥାନା ଅନ୍ତର୍ଗତ ଫତ୍ୱୋଡ଼ିରେ ପ୍ରାୟ ୫୦ କୋଟି ଟଙ୍କାର ଏକ ବଙ୍ଗଳା ଠାବ ହୋଇଛି। ଏହି ଘରକୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇବା ପାଇଁ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଅହମ୍ମଦାବାଦ ସାଇବର୍ ଥାନା ପୁଲିସର ତଥ୍ୟ ଅନୁଯାୟୀ, ଏହି ଦୁଇ ଭାଇ ସାରା ଦେଶରୁ ୧ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ କରିସାରିଛନ୍ତି। ଏହି ଠକେଇ ଟଙ୍କାରେ ସେମାନେ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରୁଛନ୍ତି। ଏମାନେ ମୁଖ୍ୟତଃ ଅର୍ଥ କାରବାର ପାଇଁ ଭଡ଼ାରେ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରିଥାନ୍ତି। ଭଡ଼ାରେ ଆଣିଥିବା ଆକାଉଣ୍ଟ ପାଇଁ ୫ ହଜାର ଟଙ୍କା ଲେଖାଏ କମିସନ ଦେଉଛନ୍ତି। ଏହି ଆପ୍ଲିକେସନର ଲିଙ୍କ୍ ହ୍ୱାଟସଆପ ମାଧ୍ୟମରେ ପଠାଇବା ପାଇଁ ଅହମ୍ମଦାବାଦର ଫତ୍ୱୋଡ଼ିରେ ଫକିର ଅଲଫଜଶ ବିଶମିଲ୍ଲାଶ, ଶେଖ ହୁମାପରବିନ୍ ରଫିକ୍, ରଫିକ୍ ଅବଦୁଲମଜିଦ ଶେଖ, ଅହେମଦଖାନ୍ ସରଦାରଖାନ ବାଲୋଚଙ୍କ ସମେତ ମହାରାଷ୍ଟ୍ରର ପୁନେର ୭ ଜଣ ସଦସ୍ୟ ଏବଂ ଦିଲ୍ଲୀର ୨ ଜଣ ସଦସ୍ୟଙ୍କୁ ବ୍ୟବହାର କରାଯାଉଛି। ଏମାନେ ଏକ ହ୍ୱାଟସଆପ ଗ୍ରୁପ କରିଛନ୍ତି। ଏଥିରେ ଟ୍ରେଡିଂ ମାଷ୍ଟର ନାଁରେ ପରିଚୟ ଦେଉଛି ରବର୍ଟ ବ୍ଲାକ୍। ଅନଲାଇନରେ ଅର୍ଥ ନିବେଶ କରିବାକୁ ରବର୍ଟ ନିବେଶକଙ୍କୁ ଏହି ଗ୍ରୁପରେ ଉତ୍ସାହିତ କରୁଛି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଆପ୍ଲିକେସନ ମାଧ୍ୟମରେ ଟଙ୍କା ନିବେଶ ପରେ ଆପ୍‌ୱାଲେଟରେ ମୋଟ ଅଙ୍କର ଟଙ୍କା ସୁଧ ସହିତ ଆସୁଛି। କିନ୍ତୁ ଏହା ଆମେରିକୀୟ ଡଲାର ଥିବାରୁ ତାହାକୁ ଉଠାଇବାକୁ ହେଲେ ଭାରତୀୟ ମୁଦ୍ରାକୁ ପରିବର୍ତ୍ତନ ପାଇଁ ଦେୟ ଲାଗିବା ସମ୍ପର୍କରେ ନିବେଶକଙ୍କୁ କୁହାଯାଉଛି। ଏହି ଦେୟ ଜମା କରିବା ପରେ କ୍ରମାଗତ ଭାବେ ନିବେଶକମାନେ ରବର୍ଟଙ୍କ ମାୟାଜାଲରେ ଫସିଯାଉଛନ୍ତି। ଏହି ଟଙ୍କା ସିଧା ମୁମ୍ବାଇରେ ରହୁଥିବା ମାଷ୍ଟରମାଇଣ୍ଡ ସମଦ୍ ନିକଟକୁ ଯାଉଛି। ଏଭଳି କେଳେଙ୍କାରୀରେ ସାମିଲ ଦୁଇ ଭାଇଙ୍କ ବିରୋଧରେ ଓଡ଼ିଶା କ୍ରାଇମବ୍ରାଞ୍ଚ ସମେତ ହରିୟାନା, ଗୁଜୁରାଟ, ରାଜସ୍ଥାନରେ ମାମଲା ରହିଛି। ଏହି ରାଜ୍ୟଗୁଡ଼ିକ ସେମାନଙ୍କୁ ୱାଣ୍ଟେଡ୍ ଦର୍ଶାଇଛି। ଏହି ଗ୍ୟାଙ୍ଗର ନେଟ୍‌ୱାର୍କ ଓଡ଼ିଶା ସମେତ ହରିୟାନା, ଦିଲ୍ଲୀ, ବିହାର, ଗୁଜୁରାଟରେ ବ୍ୟାପିଯାଇଛି। ସାଇବର ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଅନଲାଇନରେ ଅର୍ଥ ନିବେଶ କରୁଥିବା ବ୍ୟକ୍ତି ସେବି ୱେବସାଇଟ https://www.sebi. gov.in/ ରେ ଯାଞ୍ଚ କରିପାରିବେ। ସେଥିରେ ପ୍ରକୃତ ପଞ୍ଜିକୃତ ହୋଇଥିବା ନିବେଶ ସଂସ୍ଥାର ନାଁ ଉଲ୍ଲେଖ ରହିଛି। ଏଥିରେ ଉଲ୍ଲେଖ ନଥିବା ସଂସ୍ଥା ଠକ ବୋଲି ଧରିନେବାକୁ ପଡ଼ିବ। ତେବେ ୨୦୨୩ ଓ ୨୦୨୪ରେ ଏଭଳି ଅନଲାଇନରେ ଅର୍ଥ ନିବେଶ ଠକେଇ କାରବାରରେ ଓଡ଼ିଶାରୁ ୨୫ କୋଟି ୫ ଲକ୍ଷ ଟଙ୍କା ସାଇବର୍ ଠକେଇ ଗ୍ୟାଙ୍ଗ ଲୁଟିସାରିଲେଣି।

## ଯୁବ କୁଲୁତା ସମାଜର ଫରେଷ୍ଟ ଡିଭିଜନର ମିଳିତ ଉଦ୍ୟମରେ ଚାରା ବଂଟନ

ବଲାଙ୍ଗୀର, ୬/୬ (ନି.ପ୍ର): ବିଶ୍ୱ ପରିବେଶ ଦିବସ ଅବସରରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ଓ ବଲାଙ୍ଗିର ଫରେଷ୍ଟ ଡିଭିଜନ ର ମିଳିତ ଉଦ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାରା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଶୁଳ୍କ ୫୦୦ ଚାରା ସର୍ବ ସାଧାରଣରେ ବଂଟନ କରାଯାଇଥିଲା । ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ଆଗାମୀ ଦିନରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ଅନେକ କିଛି କାର୍ଯ୍ୟକ୍ରମ ହାତକୁ ନେଇଥିବା ଜିଲ୍ଲା ଯୁବ ସଭାପତି ଅସୀମ କୁମାର ଭୋଇ ପ୍ରକାଶ କରିଛନ୍ତି । ପରିବେଶ ର ହିତ ତଥା ସମାଜସେବା ପାଇଁ ସମର୍ପିତ ଏହି ଯୁବ ସଂଗଠନକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ରେଞ୍ଜ ଅଫିସର ନବୀନ ପଣ୍ଡା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ସଂପାଦକ ଭୁବନେଶ୍ୱର ଭୋଇ, ଜିଲ୍ଲା ସଦସ୍ୟ ଶଙ୍କର ପ୍ରଧାନ, ଅସୀତ ରଂଜନ ସାହୁ, ଝୁନୁ ପ୍ରଧାନ, ମାନଭଞ୍ଜନ ପ୍ରଧାନ, ରମେଶ ନାଏକ, କୈବର୍ତ୍ତ ପ୍ରଧାନ, ଶ୍ରୀକାନ୍ତ ବିଶ୍ୱାଳ, ଭୀମରାଜ ସାହୁ, ଅଭି ପ୍ରଧାନ, ଫରେଷ୍ଟର ହରିବଂଶ ପ୍ରଧାନ, ଆନନ୍ଦ ବିହାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱ ପରିବେଶ ଦିବସ ପାଳିତ

ବଲାଙ୍ଗୀର, ୬/୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ନେହେରୁ ଯୁବ କେନ୍ଦ୍ର ର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ପିପି ଏକାଡେମୀ ହାଇସ୍କୁଲ କନଫରେନ୍ସ ହଲ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ଫରେଷ୍ଟ ଡିଭିଜିନାଲ ଅଫିସର ସୁଦର୍ଶନ ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦାନ ଦେଇଥିବାବେଳେ ବଲାଙ୍ଗିର ରେଞ୍ଜ ଅଫିସର ନବୀନ ପଣ୍ଡା ଓ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସାଧାରଣ ସଂପାଦକ ତଥା ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ଅସୀମ କୁମାର ଭୋଇ ମଂଚାସିନ ଥିଲେ। ଜନସଂଖ୍ୟା ହୁହୁ ହୋଇ ବଢିବା, ଦ୍ରୁତ ସହରୀକରଣ ପାଇଁ ପରିବେଶ ନଷ୍ଟ ହେଉଥିବା ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିବା ବେଳେ ଏହି କରାଟେ ସଂଗଠନ କେବଳ କରାଟେ ଓ ଆତ୍ମରକ୍ଷା କୌଶଳ ଟ୍ରେନିଂ ରେ ସୀମିତ ନ ରହି ଜଙ୍ଗଲ ଓ ପରିବେଶ ର ସୁରକ୍ଷା ପାଇଁ ଅନେକ କିଛି କାର୍ଯ୍ୟକ୍ରମ କରିଆସୁଥିବା କରାଟେ କୋଚ ଅସୀମ ଭୋଇ କହିଛନ୍ତି ।

## ଜନ୍ମମାଟିରେ ସଂଗୀତ ସୁଧାକରଙ୍କର ଶହେ ଏକତମ ଜନ୍ମଜୟନ୍ତୀ ପାଳିତ



ଭୁବନେଶ୍ୱର, ୬/୬ (ନି.ପ୍ର): ବିଶିଷ୍ଟ ସଂଗୀତଜ୍ଞ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ ଙ୍କର ଶହେ ଏକତମ ଜନ୍ମ ଜୟନ୍ତୀ ନିରାଡ଼ମ୍ବର ଭାବରେ ଜନ୍ମମାଟି ବାଲକାଟୀ ରେ ପବିତ୍ର ସାବିତ୍ରୀ ଅମାବାସ୍ୟା ରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷ ରେ ମନ୍ଦିରରେ ପୂଜାର୍ଚ୍ଚନା ପରେ ବାଳକୃଷ୍ଣ ସ୍ମୃତି ଫାଉଂଡେସନ ର ସମ୍ପାଦକ ଜଗନ୍ନାଥ ଶତପଥି ଙ୍କ ନେତୃତ୍ୱରେ ଏକ ସଂକୀର୍ତ୍ତନ ଶୋଭାଯାତ୍ରା ନିଜ ଭିଟାମାଟିରୁ ବାହାରି ବାଲକାଟୀ ଛକ ସ୍ଥିତ ସଂଗୀତ ସୁଧାକର ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ଏହି ଉପଲକ୍ଷେ ଅନୁଷ୍ଠାନର ସଭାପତି ଡ ରଜନୀ ରଞ୍ଜନ ଦାଶଙ୍କ ସଭାପତି ତ୍ୱରେ ଏକ ସଭାରେ ସ୍ଥାନୀୟ ସରପଞ୍ଚ ରୀନା ବେହେରା, ସମାଜସେବୀ ପବିନା ବେହେରା, ପୂର୍ବତନ ଝିଂଟି ପଂଚାୟତ ସରପଞ୍ଚ ରବୀନ୍ଦ୍ର କୁମାର ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ କାନ୍ହୁ ଦାସ ଯୋଗଦେଇ ସଂଗୀତ ସୁଧାକର ଙ୍କର କୃତିତ୍ୱ ଓ ସାଧନା ଉପରେ ଆଲୋଚନା କରିଥିଲେ । ଅନୁଷ୍ଠାନ ର ସଭ୍ୟ ବସନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର ରେ କିଛି କୃତି କଣ୍ଠଶିଳ୍ପୀ ଙ୍କୁ ବାଳକୃଷ୍ଣ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା ।

## ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

ଭୁବନେଶ୍ୱର, ୬/୬ (ନି.ପ୍ର): ପୂର୍ବତଟ ରେଳପଥ ଦ୍ୱାରା ବିଶ୍ୱ ପରିବେଶ ଦିବସକୁ ଉତ୍ସାହ ଏବଂ ପରିବେଶ ପରିଚାଳନା ଦାୟିତ୍ୱ ପ୍ରତିବଦ୍ଧତା ସହିତ ପାଳନ କରାଯାଇଛି । ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଦୃଢ଼ ନେତୃତ୍ୱରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ସେମାନଙ୍କ ଆଖପାଖ ଅଂଚଳରେ ପ୍ରଦୂଷଣ ନିୟନ୍ତ୍ରଣର ମାନଦଣ୍ଡ ପ୍ରତିପାଦନ କରିବାକୁ ପୂର୍ବତଟ ରେଳପଥ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି।

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଏକ ଉତମ ପରିବେଶ ଦିଗରେ କାର୍ଯ୍ୟ କରିବା ଏବଂ ପ୍ରଦୂଷଣକୁ ନିୟନ୍ତ୍ରଣ କରିବାରେ ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ପରିବେଶ ସଂରକ୍ଷଣରେ ସହଯୋଗ କରିବାକୁ ସେମାନଙ୍କର ଦୈନନ୍ଦିନ ଜୀବନରେ ସକ୍ରିୟ ପଦକ୍ଷେପ ନେବାକୁ ସେ ଅନୁରୋଧ କରିଛନ୍ତି।

ବିଶ୍ୱ ପରିବେଶ ଦିବସକୁ ସ୍ମରଣୀୟ କରିବା ପାଇଁ ରେଳପଥ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଠାରେ ରେଳପଥର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ବିଭାଗୀୟ ମୁଖ୍ୟଙ୍କ ସହିତ କର୍ମଚାରୀ ଓ ଅଧିକାରୀମାନେ ଚନ୍ଦ୍ରଶେଖରପୁର ଅଂଚଳରେ ରେଳ ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି ପଦକ୍ଷେପ ପରିବେଶକୁ ସବୁଜିମା ବୃଦ୍ଧି କରାଇବା ସହିତ ରେଳ ଇକୋସିଷ୍ଟମ ମଧ୍ୟରେ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବ।

ବୃକ୍ଷରୋପଣ ବ୍ୟତୀତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିଲା। ସକାଳେ ଆୟୋଜିତ ପ୍ରଭାତ ଫେରି କାର୍ଯ୍ୟକ୍ରମରେ ରେଳ କର୍ମଚାରୀ ଏବଂ ଅଧିକାରୀମାନେ ଜନସାଧାରଣଙ୍କ ସହ ଜଡିତ ରହି ବିଭିନ୍ନ ବ୍ୟାନର, ପୋଷ୍ଟର, ପ୍ଲାକାର୍ଡ ଏବଂ ପରିବେଶ ପ୍ରସଙ୍ଗରେ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ପିଲାମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଜଡିତ ରହି ଇକୋ-ଫ୍ରେଣ୍ଡଲି ଫ୍ୟାନ୍ସି ଡ୍ରେସ୍ ଉପସ୍ଥାପନାରେ ଅଂଶଗ୍ରହଣ କରିବା ସହିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଯାହାକି ଅଳ୍ପ ବୟସରୁ ପରିବେଶ ସୁରକ୍ଷା ପ୍ରତି ସେମାନଙ୍କୁ ଉତ୍ସାହିତ କରାଯାଇଥିଲା ।

ଖୋର୍ଦ୍ଧା ରୋଡ୍, ୱାଲଟିୟର, ସମ୍ବଲପୁର ରେଳ ମଣ୍ଡଳ ସହିତ ରେଳପଥ ମୁଖ୍ୟାଳୟ ଚନ୍ଦ୍ରଶେଖରପୁର ଠାରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ପରିବେଶ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ମଧ୍ୟ ଆୟୋଜନ କରାଯାଇ ପରିବେଶ ସୁରକ୍ଷାର ପ୍ରତିବଦ୍ଧତା ବୃଦ୍ଧି କରାଯାଇଥିଲା। ଏହି ପଦକ୍ଷେପଗୁଡ଼ିକ ପରିବେଶ ଅନୁକୂଳ ରେଳ ପରିସର ସୃଷ୍ଟି କରିବା ଏବଂ ଏହାର କାର୍ଯ୍ୟକ୍ଷମ ଅଞ୍ଚଳରେ ପ୍ରଦୂଷଣର ମୁକାବିଲା ପାଇଁ ପୂର୍ବତଟ ରେଳପଥର ଉତ୍ସର୍ଗୀକୃତତାକୁ ସୂଚିତ କରିଛି।

## ଅପରାଧ ମୁକ୍ତ ସବୁଜ ବଲାଙ୍ଗିର ପାଇଁ କଳିକେଶଙ୍କ ସଂକଳ୍ପ : ନିର୍ବାଚିତ ପରେ ମା' ପାଟଣେଶ୍ୱରୀ ଏବଂ ମା' ସମଲେଶ୍ୱରୀଙ୍କ ଆଶିର୍ବାଦ ନେଲେ

ବଲାଙ୍ଗିର, ୬/୬ (ନି.ପ୍ର): ୨୦୨୪ ନିର୍ବାଚନରେ ବିଜୟ ହାସଲ କରିବା ପରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ନିଜ ଧର୍ମପତ୍ନୀ ଶ୍ରୀମତୀ ମେଘ୍ନା ସିଂହଦେଓ ଓ ସାଥୀ ସମର୍ଥକମାନଙ୍କ ସହ ମା' ପାଟଣେଶ୍ୱରୀ ଏବଂ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେବାକୁ ମନ୍ଦିରରେ ଆଜି ପୂର୍ବାହ୍ନରେ ପହଂଚିଛନ୍ତି । କଳିକେଶ ବଲାଙ୍ଗିର ବିଧାୟକ ଭାବେ ଜୟଯୁକ୍ତ ହେବା ପରେ ବଲାଙ୍ଗିର ବିଜେଡ଼ି ଶିବିରରେ ବେଶ୍ ଉତ୍ସାହର ମାହୋଲ୍ ଦେଖିବାକୁ ମିଳିଛି । ମନ୍ଦିରରେ ପୂଜାର୍ଚ୍ଚନା ପରେ କଳିକେଶ କହିଛନ୍ତି ଯେ, ବଲାଙ୍ଗିରବାସୀଙ୍କ ଆଶୀର୍ବାଦରେ ମୁଁ ବିଜୟୀ ହୋଇଛି । ବଲାଙ୍ଗିରବାସୀ ସେମାନଙ୍କ ସେବା କରିବାକୁ ସୁଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଛନ୍ତି କଳିକେଶ । ସେ ଆହୁରି କହିଛନ୍ତି ଯେ, ବଲାଙ୍ଗିରକୁ ସଂପୂର୍ଣ୍ଣ ବିକଶିତ କରିବାକୁ ତଥା ବଲାଙ୍ଗିରକୁ ଅପରାଧମୁକ୍ତ ସହର ଭାବେ ଗଢ଼ି ତୋଳିବାକୁ ରହିଥିବା ତାଙ୍କ ସଂକଳ୍ପକୁ ସେ ପୂରଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଓ ସବୁଜ ବଲାଙ୍ଗିର ଗଢ଼ିବା ପାଇଁ ପ୍ରୟାସ ଜାରି ରଖିବେ । ତାଙ୍କ ସହ ଆସିଥିବା ତାଙ୍କ ସହଧର୍ମିଣୀ ଶ୍ରୀମତୀ ମେଘ୍ନା ସିଂହଦେଓ ମଧ୍ୟ ଏହି ଅବସରରେ ବଲାଙ୍ଗିରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଗୟଳମରା ସାହିରେ ଜଳକଷ୍ଟ : ସରପଂଚଙ୍କ ଘର ସମ୍ମୁଖରେ ଧାରଣାରେ ବସିଲେ ଗ୍ରାମବାସୀ

ଚମ୍ପୁଆ, ୬ /୬ (ନି.ପ୍ର): ଜଳକଷ୍ଟକୁ ନେଇ ଆଜି ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଯୋଡ଼ା ବ୍ଲକ ପଳସା ପଂଚାୟତରେ ଦେଖା ଯାଇଛି ଗ୍ରାମବାସୀଙ୍କ ତୀବ୍ର ଅସନ୍ତୋଷ। ବିଗତ କିଛି ଦିନରୁ ଏହି ପଂଚାୟତ ଅନ୍ତର୍ଗତ ଉଛବାଲି ଗ୍ରାମ ଗୟଳମରା ସାହିର ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିବା ବେଳେ ଏପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରି ନାହିଁ। ଫଳରେ ଦିନକୁ ଦିନ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଆଜି ସକାଳ ପ୍ରାୟ ୯ ଟାରୁ ଗ୍ରାମର ଲୋକ ମାନେ ପଳସା ପଂଚାୟତର ସରପଂଚ ଅରୁଣ କୁମାର ମୁଣ୍ଡାଙ୍କ ଘର ସମ୍ମୁଖରେ ଗରା, ହାଣ୍ଡି ଧରି ଧାରଣାରେ ବସି ଥିବାର ଦେଖା ଯାଇଥିଲା। ତେବେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ସତ୍ୱେ ସେହି ଗାଁରେ ଚାଲୁଥିବା ଓଏମସି ସରକାରୀ ଖଣି କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ପ୍ରତି ଆଡ଼ ଆଖିରେ ବି ନ ଚାହିଁ ସବୁବେଳେ ଅଣଦେଖା କରିବା ନିହାତି ପରିତାପର ବିଷୟ ବୋଲି ଆଲୋଚନା ହେଉଛି। ଖଣି ଚତୁର୍ପାର୍ଶ୍ୱରେ ଥିବା ଘର ଗୁଡ଼ିକର ଅବସ୍ଥା ଧୂଳି ଧୂଆଁ ରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେ ଯେଉଁଠି ପଶୁ ପକ୍ଷୀ ରହିବା ମଧ୍ୟ କଷ୍ଟକର ହୋଇପଡିବ ସେଇଠି ଆଦିବାସୀ ଲୋକମାନେ ନିଜ ପରିବାରକୁ ନେଇ ଭଗବାନଙ୍କ ଭରସା ରେ ଜୀବନ କାଟୁଛନ୍ତି। ସ୍ଥାନୀୟ ଅଂଚଳରେ ଚାଲୁଥିବା ବେସରକାରୀ ଖଣି କମ୍ପାନୀ ମାନେ ଯେଭଳି ଭାବରେ ସ୍ଥାନୀୟ ଜନ ସାଧାରଣଙ୍କୁ ଅବହେଳା କରୁଛନ୍ତି ପ୍ରତି ସରକାରୀ ଖଣି କମ୍ପାନୀ ମଧ୍ୟ ତାଙ୍କ ଠାରୁ କିଛି କମ୍ ନୁହେଁ। ତେବେ ବର୍ତ୍ତମାନ ନୂତନ ସରକାର ଗଠନର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଥିବା ବେଳେ ସରକାର ଗଠନ ହେଲା ପରେ ଖଣି ଅଂଚଳରେ ରହୁଥିବା ଜନ ସାଧାରଣଙ୍କ ପ୍ରତି ସରକାରଙ୍କ ଶୁଭ ଦୃଷ୍ଟି ପଡିବ ନା ଖଣି କମ୍ପାନୀ ମାନଙ୍କ ସହିତ ସଲାସୁତର କରି ପୂର୍ବପରି ଅଣଦେଖା କରିବେ ଦେଖିବାକୁ ବାକି ରହିଲା।

## ସର୍ବ ଭାରତୀୟ ଜୁନିୟର କିକ୍ ବକ୍ସିଂରେ ଭାଗ ନେବେ ବଲାଙ୍ଗିରର ୫ ପ୍ରତିଯୋଗୀ

ବଲାଙ୍ଗୀର, ୬/୬ (ନି.ପ୍ର): ଶେଖର କିକ୍ ବକ୍ସିଂ ଏକାଡେମୀ ବଲାଙ୍ଗିରରୁ ୫ ଜଣ ଖେଳାଳିଙ୍କୁ ଜାତୀୟ ଯୁନିୟର ଚମ୍ପିୟନସିପ ରେ ମନୋନିତ କରାଯାଇଅଛି । ଶେଖର କିକ୍ ବକ୍ସିଂ ଏକାଡେମୀର ସଭାପତି ହୃଦୟ ଶବର, ସମ୍ପାଦକ ପ୍ରଶିକ୍ଷକ ଚନ୍ଦ୍ର ଶେଖର ସେଠ ଓ ପ୍ରଶିକ୍ଷକ କାଳିଆ ନାହାକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଚନ୍ଦନ ପୁଟେଲ, ଚନ୍ଦ୍ରକାନ୍ତି କୁମ୍ଭାର, ନୁରା ନାଗ, ସୀତା ବରିହା ଓ କ୍ରିଷ୍ଣା ସେଠ୍ ଜାତୀୟ ଜୁନିୟର କିକ୍ ବକ୍ସିଂ ଚମ୍ପିୟାନସିପ୍ ରେ ଯୋଗ ଦେବେ । ଏହା ପଶ୍ଚିମ ବଂଗର ସିଲିଗୁଡି ଠାରେ ଆସନ୍ତା୧୦ ଜୁନ ରୁ ୧୪ ଜୁନ ମଧ୍ୟରେ ଅନୁଷ୍ଠିତ ହେବ । ତା.୦୭.୦୬.୨୦୨୪ ଶୁକ୍ରବାର ଦିନ ପ୍ରତିଯୋଗୀମାନେ ବଲାଙ୍ଗିର ଠାରୁ ସିଲିଗୁଡି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏଥିପାଇଁ ବଲାଙ୍ଗିର ଡିଏସଓ ପରାଶର ବାଗ, ଓଡିଶା କିକ୍ ବକ୍ସିଂ ସଂଘର ସଭାପତି କାର୍ତିକ ଡାକୁଆ, ଜିଲ୍ଲା କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ପ୍ରସାଦ ମିଶ୍ର, ସଂପାଦକ ଭଗବାନ କୁମ୍ଭାର, ସୁରେନ୍ଦ୍ର କୁମାର ସାହୁ ଓ ବଦ୍ରିନାଥ ହୋତା, ମୁରଲି ମହାକୁ ପ୍ରଭୃତି ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ ।

## ପୁଣି ଥରେ ଜିଲ୍ଲାସ୍ତରୀୟ ଅମଲା ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ

ଜୟପୁର, ୬/୬ (ନି.ପ୍ର): ଅମଲା ମାନଙ୍କ ଦୀର୍ଘ ଦିନର ଏକମାତ୍ର ନ୍ୟାର୍ଯ୍ୟ ଦାବି ପୂରଣ ନିମନ୍ତେ ସରକାରଙ୍କ ନିକଟରେ ବାରମ୍ବାର ନିବେଦନ କରିଥିଲେ, ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗତବର୍ଷ ଅର୍ଥାତ୍ ୨୨.୦୫.୨୦୨୩ ରିଖ ଠାରୁ ୩୧.୦୫.୨୦୨୩ ରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପରିଧାନ କରିଥିଲେ ତଥାପି ସରକାର କର୍ଣ୍ଣପାତ ନ କରିବାରୁ ସମସ୍ତ ରାଜ୍ୟର ଜିଲ୍ଲା ସ୍ତରୀୟ ଅମଲା ସମୁହ ଛୁଟିରେ ରହିବା ସହିତ ଓଡ଼ିଶାର ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତା ୦୧.୦୬.୨୦୨୩ ଠାରୁ ଧାରଣା ଦେଇଥିଲେ। ଧାରଣା ଦେବା ପର ଦିନ ଠାରୁ ବାରମ୍ବାର ସରକାର ଆଲୋଚନା ପାଇଁ ଡାକିବା ସହିତ ଧମକ ଚମକ ଦେଇ ଆନ୍ଦୋଳନକୁ ପ୍ରତ୍ୟାହାର କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ, କିନ୍ତୁ ଅମଲା ସଂଘର କର୍ମକର୍ତା ଧମକକୁ ଖାତିର ନକରି ଆନ୍ଦୋଳନ ଜାରି ରଖିଥିଲେ, ତା ୧୭.୦୬.୨୦୨୩ ରିଖ ଦିନ ସେହି ସମୟର ଫାଇଭ-ଟି ସଚିବ ମୁଖ୍ୟମନ୍ତ୍ରୀ ଓଡିଶାଙ୍କ ତରଫରୁ ପ୍ରତିଶ୍ରୁତି ଦେଇଥିଲେ ଯେ, ଅମଲା ମାନଙ୍କ ଦାବିରେ ଯଥାର୍ଥତା ଅଛି ସେମାନଙ୍କ ଦାବି ସରକାର ଅତିଶିଘ୍ର ପୂରଣ କରିବେ ଓ ସେ ଆନ୍ଦୋଳନକୁ ପ୍ରତ୍ୟାହାର କରିବା ନିମନ୍ତେ ଅନୁରୋଧ କରିଥିଲେ ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା, କିନ୍ତୁ ସଂଘ ଆନ୍ଦୋଳନକୁ ପ୍ରତ୍ୟାହାର ନକରି ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ମାସ ପରେ ମାସ ବିତିଗଲା, କିନ୍ତୁ ସରକାର ଦେଇଥିବା ପ୍ରତିଶୃତି ପାଳନ କଲେ ନାହିଁ ତେଣୁ ସଂଘ ତା ୨୦.୧୨.୨୦୨୩ ରିଖ ଠାରୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଓ ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରିଥିବା ବିଷୟ ମଧ୍ୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ତା ୧୯.୧୨.୨୦୨୩ ରିଖ ଦିନ ପୁଣି ଥରେ ମୁଖ୍ୟ ଶାସନ ସଚିବ ଅମଲା ସଂଘର କର୍ମକର୍ତା ମାନଙ୍କୁ ଆଲୋଚନା ପାଇଁ ଡାକିବା ସହିତ ସେହି ସମୟର ଫାଇଭ-ଟି ଅଧ୍ୟକ୍ଷଙ୍କ ସହିତ ଆଲୋଚନା କରିବା ପାଇଁ ପରାମର୍ଶ ଦେଇଥିଲେ। ସେହି ସମୟର ଫାଇଭ-ଟି ଅଧ୍ୟକ୍ଷ ଅମଲା ସଂଘର କର୍ମକର୍ତା ମାନଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ, ଅମଲା ମାନଙ୍କ ଦାବି ସରକାରଙ୍କ ସ୍ତରରେ ମଞ୍ଜୁର ନିମନ୍ତେ ରହିଛି ଅତିଶିଘ୍ର ନିର୍ଦ୍ଧାରଣ ବାହାରିବା ସହିତ ବିଜ୍ଞାପନ ବାହାରିବ ତେଣୁ ଆପଣ ମାନେ ଧୈର୍ଯ୍ୟ ରଖନ୍ତୁ ଓ ଧାରଣାକୁ ସ୍ଥଗିତ କରନ୍ତୁ, ନିର୍ଭର ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା ସଂଘ। ପରି ଶେଷରେ ତା ୧୫.୦୩.୨୦୨୪ ରିଖ ରାତ୍ରୀ ଅର୍ଥାତ୍ ଆଦର୍ଶ ଆଚରଣ ବିଧି ଲାଗୁ ହେବା କିଛି ସମୟ ପୂର୍ବରୁ ଜିଲ୍ଲା ସ୍ତରୀୟ ଅମଲା ମାନଙ୍କ କ୍ୟାଡ଼ର ପୁନର୍ଗଠନ ନିମନ୍ତେ ସରକାର ଙ୍କ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ଅମଲା ମାନଙ୍କର ସମ୍ପୂର୍ଣ୍ଣ କ୍ଷତି ହେବାକୁ ଯାଉଛି। ଏହା ଅମଲା ମାନଙ୍କ ପ୍ରତି ସରକାରଙ୍କ କୁଠାରଘାତ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା, ଯେହେତୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିଲା ସମସ୍ତ ଅମଲା ନିରୁପାୟ ହେବା ସହିତ କୌଣସି ପ୍ରକାର ପଦକ୍ଷେପ ନେଇ ପାରି ନ ଥିଲେ, ଆଜି ଓଡ଼ିଶା ଅମଲା ସଂଘ ସଭାପତି କୋରାପୁଟ ଜିଲ୍ଲା ଶାଖା ଶଶୀଭୂଷଣ ଦାଶ୍ ସାଧାରଣ ସମ୍ପାଦକ ଓଡ଼ିଶା ଅମଲା ସଂଘଙ୍କୁ ଏକ ପତ୍ର ଲେଖିଛନ୍ତି ଓ ସେଥିରେ ଉଲ୍ଲେଖ କରିଛନ୍ତି ଯେ, ଅତିଶିଘ୍ର ଏକ ଜରୁରୀକାଳୀନ ବୈଠକ ଡାକି ଅମଲା ମାନଙ୍କ ଦାବି ନୂତନ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଉ ।

## ବିଜେପୁର ପେକ୍ସ କର୍ମଚାରୀଙ୍କୁ ହତ୍ୟା : ଟିଟିଲାଗଡ଼ ପୋଲିସର ତଦନ୍ତ ଜାରି

ବଲାଙ୍ଗିର, ୬/୬ (ନି.ପ୍ର): ଟିଟିଲାଗଡ଼ ଥାନା ଅନ୍ତର୍ଗତ ବିଜେପୁର ପେକ୍ସରେ ପିଅନ କାମ କରୁଥିବା ଥୁବୁଡ଼ିଙ୍ଗ୍ ଗାଁର ସୂର୍ଯ୍ୟମଣି ମାଝୀ (୩୮)ଙ୍କୁ ହତ୍ୟା କରାଯାଇଥିବା ଗତକାଲି ରାତିରେ ଟିଟିଲାଗଡ଼ ଥାନାରେ ଅଭିଯୋଗ ହୋଇ ଥିଲା। ସୂଚନା ଅନୁସାରେ, ଅନ୍ୟ ଦିନ ପରି ଆଜି ମଧ୍ୟ ବିଜେପୁର ପେକ୍ସରେ କାମ ସାରି ସୂର୍ଯ୍ୟମଣି ନିଜ ମୋଟର ସାଇକେଲ୍ ସାହାଯ୍ୟରେ ମଧ୍ୟାହ୍ନ ଭୋଜନ ପାଇଁ ଯାଉଥିବା ବେଳେ ଘୁଘୁରପଲା ଗାଁକୁ ଯିବା ବାଟରେ ଦ୍ୱିପହରରେ ରହିଥିବା ଏକ ଛକ ନିକଟରେ ଦୁଇ ଜଣ ବ୍ୟକ୍ତି ତାଙ୍କୁ ଅତର୍କିତ ଭାବେ କୌଣସି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ । ପ୍ରଚଣ୍ଡ ଆକ୍ରମଣରେ ଚେତାଶୂନ୍ୟ ହୋଇ ଘଟଣାସ୍ଥଳରେ ପଡ଼ି ରହିଥିଲେ ସୂର୍ଯ୍ୟମଣି । କୌଣସି ସୂତ୍ରରୁ ଖବର ପାଇ ସୂର୍ଯ୍ୟମଣିଙ୍କ ବଡ଼ ଭଉଣୀ ପଦ୍ମାବତୀ ମାଝୀ ମୁମୂର୍ଷୁ ଅବସ୍ଥାରେ ନିଜ ଭାଇଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଆଡ୍ମିଟ୍ କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସୂର୍ଯ୍ୟମଣିଙ୍କ ମୃତ୍ୟୁ ଘଟିଥିଲା । ତେବେ ମୃତକ ସୂର୍ଯ୍ୟମଣିଙ୍କ ବଡ଼ ଭଉଣୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆକ୍ରମଣକାରୀଙ୍କ ମଧ୍ୟରୁ ଜଣେ ଜୁଲିଆ ଗ୍ରାମର ଅଶୋକ ହରପାଲ ହୋଇଥିବା ବେଳେ ଅନ୍ୟ ଜଣେ ମୁଖା ପିନ୍ଧିଥିବାରୁ ତାଙ୍କୁ ଚିହ୍ନି ପାରି ନଥିବା ସୂର୍ଯ୍ୟମଣିଙ୍କୁ ଡାକ୍ତରଖାନା ଆଣିବା ବେଳେ ତାଙ୍କୁ ନିଜେ ସୂର୍ଯ୍ୟମଣି କହିଛନ୍ତି । ଟିଟିଲାଗଡ଼ ପୁଲିସ ଏସଂକ୍ରାନ୍ତରେ ମାମଲା ରୁଜୁ କରି ଘଟଣାର ଗୁରୁତ୍ୱକୁ ଦେଖି ତଦନ୍ତ ଆରମ୍ଭ କରି ଥିଲେ .ଆଇଆଇସି ଅବନୀ ସାହୁ ତଦନ୍ତ କରି ଦୁଇ ଜଣଙ୍କୁ ଗିରଫ କରିଥିଲେ।





ଆମ ପୃଥିବୀରେ ଏପରି ଅନେକ ରହସ୍ୟ ରହିଛି, ଯାହାକି ଏବେବି ଅସମାଧିତ ହୋଇ ରହିଛି। ପୋଲାଣ୍ଡର କ୍ରୁକଡ ଫରେଷ୍ଟ ବା ବକ୍ର ଜଙ୍ଗଲ ଏପରି ଏକ ରହସ୍ୟ। ଏହି ଜଙ୍ଗଲରେ ପାଖାପାଖି ୪୦୦ବୃକ୍ଷ ୯୦ ଡିଗ୍ରୀରେ ମୋଡ଼ି ହୋଇ ରହିଛି। ଏହି ବୃକ୍ଷଗୁଡ଼ିକ କାହିଁକି ମୋଡ଼ି ହୋଇ ରହିଛି ତା'ର ଅନେକ ଥିଓରୀ ଦିଆଯାଇଛି, କିନ୍ତୁ ଏପର୍ଯ୍ୟନ୍ତ ସଠିକ୍ ଭାବେ କିଛି କୁହାଯାଇ ପାରିନି। କେତେକ ଲୋକ ଏହାକୁ ଅନ୍ୟ ଗ୍ରହରୁ ଆସିଥିବା ପ୍ରାଣୀଙ୍କ କାର୍ଯ୍ୟ ବୋଲି କହିଛନ୍ତି। ପୋଲାଣ୍ଡର ନୋବେ ସଜାରଜନାବେ ନାମକ ଏକ ଗାଁରେ ଏହି ନିଆରା ଜଙ୍ଗଲଟି ରହିଛି। ବୃକ୍ଷଗୁଡ଼ିକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଲଗାଯାଇଥିଲା। ଗଛ ଗୁଡ଼ିକ ୯୦ ଡିଗ୍ରୀରେ ମୋଡ଼ି ହୋଇଥିବାବେଳେ ୩ରୁ ୯ ଫୁଟ ପର୍ଯ୍ୟନ୍ତ ଏପରି ମୋଡ଼ି ରହିବା ପରେ ପୁଣି ଥରେ ଉ୍ପରକୁ ବଢ଼ିଛି। ସବୁ ବୃକ୍ଷ ଉପରକୁ ମୋଡ଼ି ରହିଛନ୍ତି। କେତେକଙ୍କ ମତରେ ଏହି ଗଛ ଲଗାଯିବା ପରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ସେହି ସମୟରେ ଟ୍ୟାଙ୍କ ଗୁଡ଼ିକ ବାରମ୍ବାର ସେହି ବାଟ ଦେଇ ଯୁଦ୍ଧ କ୍ଷେତ୍ରକୁ ଯାଉଥିବାରୁ ତା'ର ପ୍ରଭାବରେ ଗଛ ଗୁଡ଼ିକର ଏପରି ଅବସ୍ଥା ହୋଇଛି। ଆଉ କେତେକଙ୍କ ମତରେ ସ୍ଥାନୀୟ ଲୋକମାନେ ଆସବାବପତ୍ର ତିଆରି କରିବା ପାଇଁ ଗଛକୁ ଏପରି ଆକାର ଦେଇଛନ୍ତି। କେତେକ ଏହାକୁ ତୁଷାରପାତର ପ୍ରଭାବ ବୋଲି ବି କହିଛନ୍ତି।

# ରକ୍ତହୀନତା ଓ ମହିଳା

**ସାଧାରଣତଃ ସହରାଂଚଳ ଅପେକ୍ଷା ଗ୍ରାମାଂଚଳରେ ମହିଳାମାନେ ଅଧିକ ସଂଖ୍ୟାରେ ରକ୍ତହୀନତାର ଶିକାର ହୋଇଥାନ୍ତି । ତେବେ ଏହି ରକ୍ତହୀନତା ରୋଗର ପ୍ରଥମରୁ ଚିକିତ୍ସା କରାଯାଇ ନପାରିଲେ ମଣିଷ ମୃତ୍ୟୁ ମୁଖକୁ ଟାଣି ହୋଇଯିବାର ସମ୍ଭାବନା ରହିଛି। ଏଥିପାଇଁ ବେଳହୁଁ ସତର୍କତା ଅବଲମ୍ବନ କରିବାର ଯଥାର୍ଥତା ରହିଛି। ତେବେ ରକ୍ତହୀନତା କ'ଣ ଏବଂ ଏହି ରୋଗର ଉପଚାର ସମ୍ପର୍କରେ ଆସନ୍ତୁ ଜାଣିବା।**





ଇଂରାଜୀରେ ଗୋଟିଏ ପ୍ରବାଦ ରହିଛି ପ୍ରିଭେନଶନ ଇଜ୍ ବେଟର ଦ୍ୟାନ କିଓର। ତା'ଣ ଭାବାର୍ଥ ହେଲା ଚିକିତ୍ସା ଦ୍ୱାରା ରୋଗ ମୁକ୍ତ ହେବା ଅପେକ୍ଷା ରୋଗ ନିବାରଣ କରିବା ଭଲ। ଶିକ୍ଷିତା ନାରୀ ସ୍ୱାସ୍ଥ୍ୟ ପ୍ରତି ସଚେତନ ହୋଇ ବିଭିନ୍ନ ସ୍ୱାସ୍ଥ୍ୟଧର୍ମୀ ପତ୍ରିକା ପଢ଼ି ତଦନୁସାରେ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ବେଶ୍ ଜାଣିପାରୁଛି। ଗ୍ରାମାଞ୍ଚଳରେ ଅଶିକ୍ଷିତ ତଥା ନିରକ୍ଷର ମହିଳାମାନେ ଅଜ୍ଞାତରେ ବଶବର୍ତ୍ତୀ ହୋଇ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନାହାନ୍ତି। ପୁଷ୍ଟିକର ଖାଦ୍ୟ ଅଭାବରେ ଅନେକ ଗ୍ରାମ୍ୟ ମହିଳା ରକ୍ତହୀନତାର ଶିକାର ହୋଇ ଅକାଳରେ ପ୍ରାଣ ହରାଉଛନ୍ତି। ଓଡ଼ିଶାରେ ରକ୍ତହୀନତାର ମୃତ୍ୟୁ ହାର ସର୍ବାଧିକ ବୋଲି ଅନୁସନ୍ଧାନରୁ ଜଣାପଡ଼ିଛି। ଏଣୁ ଏହା ଏକ ଉଦ୍‌ବେଗର ବିଷୟ ଭାବେ ଦେଖା ଦେଇଛି।

ଲକ୍ଷଣ: ଶରୀରରେ ରକ୍ତର ପରିମାଣ କମ୍ ହେଲେ ନିମ୍ନଲିଖିତ ଲକ୍ଷଣମାନ ପ୍ରକାଶ ପାଇଥାଏ। ଏଥିପ୍ରତି ଯତ୍ନବାନ ହେବାର ଆବଶ୍ୟକତାରହିଛି।

- ରକ୍ତହୀନତାର ବ୍ୟକ୍ତି ଅଧିକ ଦୁର୍ବଳ ଅନୁଭବ କରେ। ସାମାନ୍ୟ ପରିଶ୍ରମ କଲେ ତାକୁ ଥକ୍କା ଲାଗେ।

ଆଳସ୍ୟ ଏବଂ ନିରୁତ୍ସାହିତ ସର୍ବଦା ଲାଗିରହେ। କୌଣସି କାମରେ ମନ ଲାଗେନି।

- ରୋଗୀ ସବୁବେଳେ ବିଛଣାରେ ପଡ଼ିରହିବାକୁ ପସନ୍ଦ କରେ। ଭୋକ ଲାଗେ ନାହିଁ କିମ୍ବା ଭୋକହୁଏ। ଖାଦ୍ୟ ଭଲଭାବେ ଜୀର୍ଣ୍ଣ ହୁଏନାହିଁ।

- ପେଟ ସବୁବେଳେ ଓଜନିଆ ଲାଗେ। କୋଷ୍ଠକାଠିନ୍ୟ ଲାଗିରାହେ।



- ରକ୍ତହୀନତା ହେତୁ ବ୍ୟକ୍ତିକୁ ଚିଡ଼ିଚିଡ଼ା ଲାଗେ। ତା'ର ସ୍ମରଣ ଶକ୍ତି ମଧ୍ୟ କମିଯାଏ।

- ଶରୀର ହଳଦିଆ ଦେଖାଯାଏ। ମୁଣ୍ଡ ବୁଲାଏ, ଆଖି ଆଗରେ ଝାପସା ଝାପସା ଦେଖାଯାଏ।

- ରକ୍ତଚାପ କମ ହୋଇଯିବାର ଲକ୍ଷଣ ମଧ୍ୟ ପରିଲକ୍ଷିତ ହୁଏ।

- ରୋଗ ବୃଦ୍ଧି ପାଇବା ଅବସ୍ଥାରେ ଓଠ, ଜିଭ, ନଖ ଆନିଧଳା ଦେଖାଯାଏ।

- ଶରୀରରେ ତଥା ଗୋଡ଼ ହାତରେ ଯନ୍ତ୍ରଣା ଲାଗିରହେ।

- ଏହାଦ୍ୱାରା ମାସିକ ଋତୁସ୍ରାବ ମଧ୍ୟ କମିଯାଏ। ଏମିତି ପରିସ୍ଥିତିରେ ଗର୍ଭଧାରଣ କଲେ ଶିଶୁ ଦୁର୍ବଳ ହୋଇପଡ଼େ।

ଶରୀରରେ ରକ୍ତ କମିଯିବାର କାରଣ ରକ୍ତସ୍ରାବ:

ଖଣ୍ଡିଆ ହେଲେ, କଟିଗଲେ, ଅପରେସନ କିମ୍ବା ଅନ୍ୟ କୌଣସି କାରଣରୁ ଶରୀରରୁ ଯେବେ ଅଧିକ ରକ୍ତ ନିର୍ଗତ ହୁଏ, ତେବେ ଶରୀରରେ ରକ୍ତହୀନତା ଦେଖାଦିଏ।

ଅନ୍ତଃକୃମିର କାରଣ: ଗ୍ରାମ୍ୟ ମହିଳାମାନେ ଖାଲି ପାଦରେ ସବୁବେଳେ ଆତଯାତ ହୁଅନ୍ତି। ପାଦରେ କୃମି ପେଟକୁ ଯାଇ ରକ୍ତ ଶୋଷଣ କଲେ ରକ୍ତହୀନତା ଦେଖାଦିଏ ସେହିପରି ଏମିତି କେତୋଟି ରୋଗ ଅଛି ଯାହା ଦ୍ୱାରା ଶରୀରୁ ରକ୍ତ ବାହାରି ଯାଏ। ମଳକଣ୍ଟକ, ଆମାଶୟ, ବ୍ରଣ ଆଦି।

କୁପୋଷଣ: ପୂର୍ଣ୍ଣଭାବେ ପୌଷ୍ଟିକ ଖାଦ୍ୟ ନମିଳିବା, ଖାଦ୍ୟରେ ସବୁଜ ପନିପରିବାର ଅଭାବ, ଫଳ ଓ କ୍ଷୀରର ଆବଶ୍ୟକତାକୁ ପୂରଣ କରି ନପାରିଲେ ରକ୍ତାଳ୍ପତା ହୁଏ। ଏହାବ୍ୟତୀତ ଆଂଟିବାୟୋଟିକ ଔଷଧ ସେବନର ଅଧିକ ହେତୁଲାଲ ରକ୍ତକଣିକା ତିଆରି ପାଇଁ ଅସୁବିଧା ଉପୁଜେ। ଭୋଜ୍ୟ ପଦାର୍ଥ ଭିତରୁ ଲୌହ ଭିଟାମିନ୍ସ ଆଦିର ଅଭାବରେ ମଧ୍ୟ ରକ୍ତହୀନତା ଦେଖାଦିଏ। ପୂର୍ଣ୍ଣ ଭାବେ ବିକଶିତ ହୋଇ ନଥିବା ଶରୀରକୁ ଗର୍ଭଧାରଣର ବୋଝ, ମାସିକ ଋତୁସ୍ରାବରେ ଅତ୍ୟଧିକ ରକ୍ତକ୍ଷରଣ, ବାରମ୍ବାର ଗର୍ଭଧାରଣ ମଧ୍ୟ ଅନ୍ୟସବୁ କାରଣ ବୋଲି ଜଣାପଡ଼ିଛି।

ରକ୍ତହୀନତା ଜନିତ ରୋଗ: ଯଦି ସମୟ ଆଗରୁ ରକ୍ତହୀନତା ପ୍ରତି ଧ୍ୟାନ ଦିଆ ନଯାଏ ଅଥବା ଠିକ ସମୟରେ ଚିକିତ୍ସା ନକଲେ ଅନେକ ପ୍ରକାର ରୋଗ ବଢ଼ିଚାଲେ । ଶରୀର ହଳଦିଆ ହୋଇପଡ଼େ ଏବଂ ରୋଗୀ ଶକ୍ତିହୀନ ହୋଇ ବିଛଣାରେପଡ଼ିରହେ। କାମଳ ଓ ଜଳୋଦର ରୋଗ ମଧ୍ୟ ଗ୍ରାସ କରେ। ଏହା ବେଳେ ବେଳେ ଏମିତି ବିକଟାଳ ରୂପ ଧାଣର କରେ ଯେ ରୋଗୀ ମୃତ୍ୟୁମୁଖରେ ପଡ଼େ। ଗର୍ଭାବସ୍ଥାରେ ରକ୍ତହୀନତା ମା' ଓ ଶିଶୁ ଦୁହିଁଙ୍କ ସ୍ୱାସ୍ଥ୍ୟ ଉଦବେଗଜନକ ହୋଇପଡ଼େ ଏରୁ ରକ୍ତହୀନତାକୁ ସାମାନ୍ୟ ରୋଗ ନଭକାବି ତୁରନ୍ତ ଏହାର ଚିକିତ୍ସା କରାଇନେବା ଉଚିତ।

ରକ୍ତହୀନତାର ଚିକିତ୍ସା: ଏହା ଦୂର କରିବା ପାଇଁ ଡାକ୍ତରଙ୍କ ପରାମର୍ଶରେ ଲୌହ ଏବଂ ଭିଟାମିନଯୁକ୍ତ ଖାଦ୍ୟ ପରିପୂର୍ଣ୍ଣ ଭାବରେ ଗ୍ରହଣ କରିବା ଉଚିତ। ଖାଦ୍ୟରେ ସବୁଜ ପନିପରିବା,ବିଭିନ୍ନ ପ୍ରକାରର ଶାଗ, ଯଥା-ପାଳଙ୍ଗ, ଖଡ଼ାଶାଗ, ଧନିଆପତ୍ର, ଫଳ ଭିତରେ କଦଳୀ, ସେଓ, ଅଙ୍ଗୁର, ଅଁଳା, ଗାଜର, ଟମାଟୋ, ଅମୃତଭଣ୍ଡା ଓ କ୍ଷୀର ମଧ୍ୟ ପ୍ରଚୁର ମାତ୍ରାରେ ଗ୍ରହଣ କରିବା ଜରୁରୀ। ଚୋକଡ଼ ମିଶ୍ରିତ ରୁଟି,ବଗଡ଼ା ଭାତ ଖାଇବା ବିଧେୟ। ସକାଳେ ସନ୍ଧ୍ୟାରେ ଖୋଲାପବନ ସେବନ କରିବା ଭଲ। ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କଲେ ଆଗକୁ ଭୟ ରହିବ ନାହିଁ। ଶରୀର ସାମାନ୍ୟ କ୍ଲାନ୍ତି ଅନୁଭବ କଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଆବଶ୍ୟକ। କାରଣ ରକ୍ତହୀନତା ଯୋଗୁଁ ଶରୀର ଶକ୍ତି ନପାଇ ଅବଶ ହୋଇପଡ଼େ।


# କାନ ପାଇଁ ମୁଣ୍ଡବୁଲା

ଏହି ମୁଣ୍ଡ ବୁଲାଇବା ବିଭିନ୍ନ କାରଣରୁ ହେଉଥିଲେ ମଧ୍ୟ ମୁଖ୍ୟତଃ ତିନୋଟି କାରଣରୁ ଏହା ହୋଇଥାଏ। କାନ, ଆଖି ଅଥବା ମସ୍ତିଷ୍କରେ ମାତ୍ରାଧିକ ଅସୁବିଧା ରହିଲେ ଏପରି ହୋଇଥାଏ। ଉପରୋକ୍ତ ଏକାଧିକ ଅଙ୍ଗର ଅସୁବିଧା ରହିଲେ ସମସ୍ୟାଟି ଆହୁରି ଗମ୍ଭୀର ହୁଏ। ଆସନ୍ତୁ ଆମେ ଏଠାରେ କେବଳ କାନ ପାଇଁ ହେଉଥିବା ମୁଣ୍ଡବୁଲା ବିଷୟରେ ଚର୍ଚ୍ଚା କରିବା

ସମସ୍ତେ ଭାବନ୍ତି କାନର କାମ ହେଲା ଶୁଣିବା। ମାତ୍ର କାନର ଆଉ ଏକ କାମ ହେଉଛି ମୁଣ୍ଡକୁ ସନ୍ତୁଳିତ ରଖିବା। ଅନ୍ତଃକର୍ଣ୍ଣରେ ଥିବା କକ୍‌ଲିଆ ଶୁଣିବାରେ ସାହାଯ୍ୟ କରୁଥିଲା ବେଳେ ଭେଷ୍ଟିବୁଲାର ଅର୍ଗାନ ସନ୍ତଳନରେ ସାହାଯ୍ୟ କରେ। ଶତକଡ଼ା ଅଶୀଭାଗ ମୁଣ୍ଡବୁଲା ରୋଗୀ କାନ ଜନିତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଅବଶିଷ୍ଟ କୋଡ଼ିଏ ଭାଗ ଆଖି ଅଥବା ମୁଣ୍ଡ କାରଣରୁ ପ୍ରଭାବିତ ହୋଇଥାନ୍ତି। କାନ ଜନିତ ସମସ୍ୟା ବହୁତ କାରଣରୁ ହେଉଥିବା ବେଳେ ସେଥିମଧ୍ୟରୁ ମୁଖ୍ୟଟି ହେଲା ମେର୍ନିର୍ସ ସିଣ୍ଡ୍ରୋମ୍। ସାଧାରଣ ଶ୍ରବଣ ପରୀକ୍ଷା (ଅଡ଼ିଓମେଟ୍ରି), ଟିମ୍ପାନୋମେଟ୍ରି ଏବଂ ଇଏନଜି ପରୀକ୍ଷା ଦ୍ୱାରା ଏହା ଜଣାପଡ଼େ। ଯେହେତୁ ଏହା ସ୍ନାୟୁଗତ ସମସ୍ୟା ଯଥାଶୀଘ୍ର ବିଶେଷଜ୍ଞଙ୍କ ପରାମର୍ଶ କଲେ ତୁରନ୍ତ ଫଳ ମିଳିଥାଏ।


ବେଳେବେଳେ ଚିକିତ୍ସା ଡେରି ହେବା ଫଳରେ ସମସ୍ୟାଟି ପୂର୍ଣ୍ଣମାତ୍ରାରେ ସମାହିତ ହୋଇପାରେ ନାହିଁ। ସେଥିପାଇଁ ଔଷଧୀୟ ଚିକିତ୍ସା ପରେ ସ୍ଥଳ ବିଶେଷ ଶଲ୍ୟ ଚିକିତ୍ସା କରିବା ଜରୁରୀ।

ଖରାଦିନେ ଆମର ଖାଦ୍ୟ, ପାନୀୟ ଆଦି ନେଇ ସାବଧାନତା ଆବଶ୍ୟକ। ଓଡ଼ିଶାର ଲୋକେ ସାଧାରଣତଃ ପଖାଳପ୍ରିୟ। ଖରାଦିନେ ଧନୀ, ଗରିବ ସମସ୍ତେ ପଖାଳ ଖାଇବା ସ୍ୱାଭାବିକ। ପଖାଳର ତୋରାଣିରେ ଯେଉଁ ମାତ୍ରାରେ ଲୁଣ ପଡ଼େ ତାହା ଆମେ ସମସ୍ତେ ପିଇ ଦେହର ଲୁଣ ଅଂଶ ଅଧିକ ମାତ୍ରାରେ ବଢ଼ାଇଥାଉ। ଏହାଛଡ଼ା ଖରାରେ ବୁଲି ଶୋଷ ଲାଗିଲେ ଏକାଥରେ ଗ୍ଲାସରେ ନପିଇ ପୁରା ଅନିଦ୍ରା ରହୁ ଏହା ଫଳରେ ମୁଣ୍ଡ ବୁଲାଏ। ତେଣୁ ପଖାଳ ଖାଇବା ବେଳେ ତୋରାଣି ନପିଇ ପାଣି ପିଅନ୍ତୁ। ଲୁଣି ଆଚାର ଏବଂ ଶୁଖୁଆ କମ ଖାଆନ୍ତୁ। ଖାଇବା ବେଳେ କଳାଲୁଣ ଛୁଅନ୍ତୁ ନାହିଁ । ଡାଲି ତରକାରୀରେ ଯାହା ପଡ଼ିଛି ସେତିକି ଲୁଣ ଖାଆନ୍ତୁ। ସଧାରଣତଃ କୁହାଯାଏ ଜଣେ ଲୋକ ପାଇଁ ଦିନକୁ ଅତିକମରେ ପାଂଚ ଗ୍ରାମ ଲୁଣ ଦରକାର। ପାଣି ଏକାଥରେ ଅଧିକରୁ ଅଧିକ ଦୁଇ ଗ୍ଲାସକରି ଏକଘଂଟା ଅନ୍ତରରେ ପିଇ ପାରିବେ। ନିଶା ଅଭ୍ୟାସ ଛାଡ଼ନ୍ତୁ। ଅତ୍ୟଧିକ ଚିନ୍ତାରୁ ଦୂରେଇ ରହିବା, ରାତି ଅନିଦ୍ରା ନରହିବା, ରକ୍ତଚାପ ନିୟନ୍ତ୍ରଣରେ ରଖିବା ସହ ତୀବ୍ର ଶବ୍ଦ ଠାରୁ ଦୂରରେ ରହିବା ଆବଶ୍ୟକ। ଯେଉଁମାନଙ୍କ ପୂର୍ବରୁ ମୁଣ୍ଡବୁଲା ରୋଗ ରହିଥାଏ ସେମାନେ ଖରାଦିନେ ଯଥା ସମ୍ଭବ ମାତ୍ରାଧିକ ମୁଣ୍ଡ ଧୋଇବା ଠାରୁ ଦୂରେଇ ରହିବା ଉଚିତ।



# କେଶ ସମସ୍ୟାକୁ ନେଇ ଚିନ୍ତିତ ଅଛନ୍ତି କି ?: ଆପଣାନ୍ତୁ ଏହି ସହଜ ଉପାୟ

**କେଶ ସମସ୍ୟା ଅନେକଙ୍କଠାରେ ଦେଖିବାକୁ ମିଳିଥାଏ । କିନ୍ତୁ ଏହାକୁ ଅତି ସହଜ ଉପାୟରେ ଆପଣମାନେ ବ୍ୟବହାର କରି ଆପଣଙ୍କ କେଶର ସମସ୍ୟାକୁ ଦୁର କରିପାରିବେ। । ଏହା ମୁଖ୍ୟ ଉପାଦାନଟି ହେଉଛି 'ଗ୍ରୀନ୍ ଟି' । କେଶ ପାଇଁ ରାମବାଣ 'ଗ୍ରୀନ୍ ଟି'। ବର୍ତ୍ତମାନ ସମୟରେ କେଶ ବା ଚୁଟି ସମସ୍ୟା ଅଧିକାଂଶ ଲୋକଙ୍କ କ୍ଷେତ୍ରରେ ଦେଖାଦେଉଛି । ଶରୀରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ । ତନ୍ମଧ୍ୟରୁ କେଶ ସମସ୍ୟା ଅନ୍ୟତମ । ଏହି ଋତୁରେ ବାୟୁମଣ୍ଡଳରେ ଅଧିକ ମାତ୍ରାରେ ପ୍ରଦୂଷଣ ମାତ୍ରା ପରିଲିକ୍ଷିତ ହୋଇଥାଏ । ଯାହାଫଳରେ ଏହାର କୁପ୍ରଭାବ ବିଶେଷ କରି କେଶ ଉପରେ ପଡିଥାଏ । କେଶ ଝଡିବା, ରୁପୀ ହେବା ଆଦି ସମସ୍ୟା ଦେଖାଦେଇଥାଏ । କଣ ଆପଣ ଜାଣନ୍ତି ଗ୍ରୀନ୍ ଟି କେଶ ବା ଚୁଟି ପାଇଁ ବହୁତ ଉପକାରୀ ଅଟେ। ତେବେ ଆସନ୍ତୁ ଜାଣିବା କେଶ ପାଇଁ 'ଗ୍ରୀନ୍ ଟି' କେତେ ଉପକାରୀ । ...**



ପ୍ରଥମେ ଅଧା ଲିଟର ପାଣି ନିଅନ୍ତୁ । ସେଥିରେ ପ୍ରାୟ ୩ ରୁ ୪ଟି ଗ୍ରୀନ୍ ଟି ବ୍ୟାଗ୍ ନେଇ ୧୦-୧୫ମିନିଟ୍ ବୁଡ଼ାଇ ରଖନ୍ତୁ । ଏହା ପରେ ପ୍ରଥମେ କେଶକୁ ଭଲ ଭାବେ ସାମ୍ପୋ କରି ସଫା କରିଦିଅନ୍ତୁ । ଏହାପରେ ଏହି ଗ୍ରୀନ୍ ଟିର ପାଣିକୁ ନେଇ ପୁନଶ୍ଚ କେଶକୁ ଭଲ ଭାବରେ ଧୋଇଦିଅନ୍ତୁ। ଏହା ପରେ ସାଧା ପାଣିରେ କେଶକୁ ଧୋଇ ଭଲ ଭାବେ କେଶକୁ ପୋଛିଦିଅନ୍ତୁ। ଏପରି ମାସକୁ ୨ ରୁ ୩ ଥର କରିବା ଦ୍ୱାରା ଦେଖିବେ କିପରି ଆପଣଙ୍କ କେଶରେ ଫରକ ଆସିବ । ଗୋଟେ ପାତ୍ରରେ ଗ୍ରୀନ୍ ଟି ପ୍ରସ୍ତୁତ କରନ୍ତୁ । ଏହାପରେ ଏହି ଟିରେ କିଛି ଲେମ୍ବୁର ରସ ଏବଂ କିଛି ନଡିଆ ତେଲ ଭଲ ଭାବେ ମିଶାଇ ଦିଅନ୍ତୁ । ଏହି ମିଶ୍ରଣକୁ ଆପଣଙ୍କ କେଶରେ ପ୍ରାୟ ୪ ରୁ ୫ମିନିଟ୍ ପଯ୍ୟନ୍ତ ମାଲିସ କରି ଅଧଘଣ୍ଟା ପାଇଁ ଛାଡିଦିଅନ୍ତୁ ।

ଏହାପରେ କେଶକୁ ଭଲ ଭାବେ ଧୋଇଦିଅନ୍ତୁ । ଏହାପରେ ଆପଣ ଆପଣଙ୍କ କେଶରେ ଆସିଥିବା ଫରକକୁ ବେଶ୍ ଭଲ ଭାବେ ଜାଣି ପାରିବେ । କିଛି ଗ୍ରୀନ୍ ଟି ପାଉଡ଼ର ନେଇ ସେଥିରେ କିଛି ପାଣି ମିଶାଇ ବହଳିଆ ଭାବେ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହାପରେ ସେଥିରେ ଏକ ଅଣ୍ଡାକୁ ଫଟାଇ ଭଲଭାବେ ଗ୍ରୀନ୍ ଟିର ମିଶ୍ରଣ ସହିତ ମିଶାଇ ଦିଅନ୍ତୁ । ଦୁଇଟି ଜିନିଷକୁ ଭଲ ଭାବରେ ମିଶାଇବା ପରେ ଏହାକୁ ଦୁଇ ହାତରେ ଭଲ ଭାବେ ନେଇ କେଶରେ ମାଲିସ ବା ମସାଜ କରନ୍ତୁ । ଏହାପରେ ପାଖାପାଖି ଏକ ଘଣ୍ଟା ତାକୁ ଶୁଖିବା ପାଇଁ ଛାଡିଦିଅନ୍ତୁ ।ଶୁଖିଯିବା ପରେ ଯେକୌଣସି ସଲଫେଟ୍ ମୁକ୍ତ ସାମ୍ପୋରେ କେଶକୁ ଭଲ ଭାବେ ଧୋଇ ନିଅନ୍ତୁ । ଦେଖିବେ ଏପରି କରିବା ଦ୍ୱାରା ଆପଣଙ୍କ କେଶରେ ଥିବା ସମସ୍ୟା ଦୁର ହୋଇଯିବା ସହ କେଶର ଚମକକୁ କିପରି ବଢାଇଦବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିସ୍ମୟର ବିଶେଷ ସ୍ୱର...

ନରେନ୍ଦ୍ର ମୋଦୀଙ୍କ 'ଅଗ୍ନିକି ବାର୍ ଚା ପାର୍'ର ଲକ୍ଷ୍ୟ ନା ତ ପୂରଣ ହେଲା, ନା ହେଲା ନବୀନ ପଟ୍ଟନାୟକଙ୍କ ଲଗାତର ଷଷ୍ଠ ପାଳିର ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡ କରିବାର ସ୍ୱପ୍ନ ପୂରଣ। ଭାରତର ଲୋକମାନେ ଦେଖାଇ ଦେଲେ ଯେ ସେଇମାନେ ହିଁ ଏକ ଗଣତନ୍ତ୍ରର କେନ୍ଦ୍ରରେ ରହିଛନ୍ତି ଏବଂ ରହିବା ଉଚିତ ମଧ୍ୟ। ୨୦୧୪ରେ, ଦୀର୍ଘ ତିନି ଦଶନ୍ଧିର ଅନ୍ତର ପରେ ଭାରତୀୟ ଜନତା ପାର୍ଟି (ବିଜେପି) ୨୮୨ ଆସନରେ ବିଜୟ ଲାଭ କରି ଲୋକସଭାରେ ପ୍ରଥମ ଦଳ ଭାବରେ ଅଧା ସଂଖ୍ୟକ (ସଂଖ୍ୟାଗରିଷ୍ଠତା) ଆସନର ଲକ୍ଷ୍ୟକୁ ହାସଲ କରିବାରେ ସକ୍ଷମ ହୋଇଥିଲା। ୨୦୧୯ରେ ଏହା ନିଜର ପ୍ରଦର୍ଶନକୁ ଅଧିକ ଉନ୍ନତ କରିଥିଲା ୩୦୩ ଆସନରେ ବିଜୟ ଲାଭ କରି । ଏଥର କିନ୍ତୁ ଏହା ବିଜୟ ଲାଭ କରି ପାରିଛି ମାତ୍ର ୨୪୦ ଆସନରେ ଏବଂ ଶାସନ କରିବା ନିମନ୍ତେ ନିର୍ଭର କରିବାକୁ ଯାଉଛି ବାରମାସୀ ଏଣ୍ଡୁଅ ଭଳି ରଙ୍ଗ ବଦଳାଉଥିବା ସୁବିଧାବାଦୀ ନୀତୀଶ କୁମାରଙ୍କ ଜନତା ଦଳ (ସଂଯୁକ୍ତ) ଏବଂ ଏନ୍ ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଉପରେ। ୩୬.୬୦ ପ୍ରତିଶତ ଭୋଟ୍ ସହିତ ଉଭୟ ଆସନ ଓ ଭୋଟ୍ ଅଂଶ ଦୃଷ୍ଟିରୁ ଏହା ଏକକ ବୃହତ୍ ଦଳ ଭାବରେ ରହିଛି- ୯୯ ଆସନ ସହିତ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ଅଛି ଏବଂ ଏହା ୨୧.୨୦ ପ୍ରତିଶତ ଭୋଟ୍ ଲାଭ କରିଛି- କିନ୍ତୁ ମଙ୍ଗଳବାରର ପରିଣତିକୁ ବିଜେପି ଅର୍ଥ-ଆଶାବାଦୀ ଭାବରେ ଦେଖିବାକୁ ପସନ୍ଦ କରିବ । କାରଣ, ଲୋକମାନଙ୍କର ନିଷ୍ପତ୍ତି- ବିଜେପି ଭାରତର ବିଭିନ୍ନ ସମ୍ପ୍ରଦାୟ ଏବଂ ଅଞ୍ଚଳମାନଙ୍କର ରାଜନୀତିକ ଅଭିଳାଷଗୁଡ଼ିକ ପ୍ରତି ଅଧିକ ମୈତ୍ରୀଭାବ ଏବଂ କମ୍ ମୁକାବିଲାମୂଳକ ମନୋଭାବ ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି-ଠାରୁ ଅଧିକ କିଛି ସ୍ପଷ୍ଟ ବାର୍ତ୍ତା ହୋଇ ନପାରେ । ଏହି ନିଷ୍ପତ୍ତି ମଧ ଲୋକମାନଙ୍କୁ ମତାଇବାର ଏକ କୌଶଳ ଭାବରେ ସାମ୍ପ୍ରଦାୟିକ ଧ୍ରୁବୀକରଣର ସୀମିତତାକୁ ଦର୍ଶାଇଛି, ଯାହା ବିଜେପିର ନିର୍ବାଚନୀ ପ୍ରଚାରର ମୁଖ୍ୟ ମାନଦଣ୍ଡ ହୋଇଥିଲା । ମୋଟାମୋଟି ନିର୍ବାଚନ ଫଳାଫଳ ବିଜେପିକୁ ଅଧିକ ଉତ୍ତରଦାୟୀ କରିବା ସହିତ ଅଧିକ ଗଠନମୂଳକ ହେବାକୁ ଦାବି କରିଛି । ବିଧାନସଭା ନିର୍ବାଚନ କ୍ଷେତ୍ରରେ ଓଡ଼ିଶାର ଦ୍ୱିତୀୟ ଦୀର୍ଘକାଳ ଶାସନ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପାଇଁ ଯେମିତି ଏକ ଆଶ୍ଚର୍ଯ୍ୟଚକିତ କରିଦେବା ଭଳି ନିର୍ବାଚନ ଫଳାଫଳ ଅପେକ୍ଷା କରିଥିଲା, ସେମିତି ଆନ୍ଧ୍ରପ୍ରଦେଶରେ ଏନ୍ ଚନ୍ଦ୍ରାବାବୁ ନାଇଡୁଙ୍କ ପାଇଁ ମଧ ଉଚ୍ଛ୍ୱସିତ ସମର୍ଥନ ଦେଖିବାକୁ ମିଳିଥିଲା ଏହି ନିର୍ବାଚନରେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶ୍ରୀଯୁକ୍ତ ପଟ୍ଟନାୟକ ଆଉ ମାତ୍ର ୭୮ ଦିନ କ୍ଷମତାରେ ରହିଥିଲେ ସିକ୍କିମ୍‌ର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ସିକ୍କିମ୍ ଡେମୋକ୍ରାଟିକ୍ ଫ୍ରଣ୍ଟର ଅଧକ୍ଷ ପନ୍ ଚାମ୍‌ଲିଙ୍ଗ୍‌ଙ୍କୁ ଟପି ଯାଇଥାନ୍ତେ, ଯିଏକି ପାଖାପାଖି ୨୫ ବର୍ଷ ସିକ୍କିମ୍‌ରେ ଶାସନ କରିଥିଲେ। କିନ୍ତୁ ତାହା ହୋଇ ପାରିଲା ନାହିଁ । ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ନୟନ ଯୁଗଳର ଭ୍ରୂଲତା ହୁଏତ କୁଞ୍ଚିତ ହୋଇ ଯାଇଥବ; ତାଙ୍କର ବୟସ ଏବଂ ଶାରୀରିକ ସାମର୍ଥ୍ୟ, ଯାହା ଉପରକୁ ନିର୍ବାଚନ ପ୍ରଚାର କାଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ପ୍ରଶ୍ନ ଉଠାଇ ଥିଲେ, ତାହା ହୁଏତ ତାଙ୍କ ବିରୋଧରେ କାମ କଲା ! ପରନ୍ତୁ, ତାଙ୍କୁ ତଥା ସମଗ୍ର ଦେଶବାସୀଙ୍କୁ ନୟନ ବିସ୍ତାରିତ କରି ଚାହିଁବାର ସୁଯୋଗ ପ୍ରଦାନ କଲା ଓଡ଼ିଶାର ଲୋକସଭା ଆସନର ଫଳାଫଳ– ସମୁଦାୟ ୨୧ଟିଯାକ ଆସନରୁ କେବଳ କଂଗ୍ରେସର ଗୋଟିଏ ଆସନକୁ ବାଦ୍ ଦେଲେ ଅବଶିଷ୍ଟ ୨୦ଟିଯାକ ଚାଲିଗଲା ବିଜେପି ଖାତାକୁ ! କଂଗ୍ରେସ, ଯାହା ୯୯ଟି ଆସନ ଲାଭ କରି ୨୦୧୯ ନିର୍ବାଚନରେ ହାସଲ କରିଥିବା ନିର୍ବାଚନ ଫଳାଫଳକୁ ପାଖାପାଖି ଦୁଇ ଗୁଣ କରି ପାରିଛି, ତାହା ଯଦିଓ ବିଜେପିଠାରୁ ସାମାନ୍ୟ ଦୂରରେ ଦ୍ୱିତୀୟ ସ୍ଥାନରେ ରହିଛି, ତଥାପି ଏହା ନିଜର ହୃତ ଗୌରବକୁ ଅନେକାଂଶରେ ଫେରି ପାଇଛି ବୋଲି କୁହାଯାଇପାରେ। ତେବେ ଏଥିରେ ନିରାଶ ହେବା ଭଳି କିଛି ନାହିଁ, ବରଂ ଲୋକମାନଙ୍କ ମତକୁ ସମ୍ମାନ ଦେଇ ନିଜର ମେଣ୍ଟ ଶକ୍ତିମାନଙ୍କ ସହିତ ଦୃଢ଼ ବନ୍ଧନରେ ବାନ୍ଧି ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବା ହିଁ ଏହାପାଇଁ ମଙ୍ଗଳକାରକ ହେବ। ଅଷ୍ଟାଦଶ ଲୋକସଭାର ନିର୍ବାଚନ ଫଳାଫଳ ମୋଟାମୋଟି ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛି- ଭାରତର ଲୋକମାନଙ୍କର ନିଜର ଗଣତନ୍ତ୍ର ଓ ଏହାର ଅନୁଷ୍ଠାନଗୁଡ଼ିକ ଉପରେ ଦୃଢ଼ ଆସ୍ଥା ରହିଛି ଏବଂ ଏହି ସାଧାରଣତନ୍ତ୍ରକୁ ଯାହା ଏତେ ବର୍ଷ ଧରି ସ୍ଥିରତା ପ୍ରଦାନ କରି ଆସିଛି, ତାକୁ ବଳି ଦେବା ନିମନ୍ତେ ଯେତେ ଆକର୍ଷଣୀୟ ହେଲେ ସୁଦ୍ଧା ସେମାନଙ୍କର କୌଣସି ଆଦର୍ଶବାଦ ଓ କାର୍ଯ୍ୟସୂଚୀ ନିକଟରେ ନିଜକୁ ବିକ୍ରି କରିଦେବାର କିଛି ଯୋଜନା ନାହିଁ । ସେମାନେ ଏକ ସ୍ଥିର ସରକାର ସେମାନଙ୍କୁ ଶାସନ କରିବା ତ ଚାହାନ୍ତି, ପରନ୍ତୁ ଅସହିଷ୍ଣୁ ଧାରଣାଗୁଡ଼ିକୁ ସହିବାକୁ, ଘୃଣା ସୃଷ୍ଟିକାରୀ ଓ ସାମାଜିକ ଧ୍ରୁବୀକରଣକୁ ସେମାନେ ଚାହାନ୍ତି ନାହିଁ । ବିବିଧତାଭରା ଏହି ମହାନ ରାଷ୍ଟ୍ରର ମୂଳରେ କୁଠାରାଘାତ କରିବାକୁ ଚାହୁଁ ଥିବା କୌଣସି ବଡ଼ କଥାକୁ ସେମାନେ ଅନୁମତି ଦେବେନାହିଁ । ପରିଶେଷରେ, ନିର୍ବାଚନୀ ଫଳାଫଳ ଯାହା ଅଧିକାଂଶ ଏକ୍‌ଜିଟ୍ ପୋଲ୍‌ର ଆକଳନକୁ ଭୁଲ୍ ପ୍ରମାଣିତ କରିଛି ଏବଂ ଜନଜୀବନର ବାସ୍ତବତାଗୁଡ଼ିକୁ ପ୍ରତିଫଳିତ କରିଛି, ତାହା ମଧ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍‌ଗୁଡ଼ିକର ଦକ୍ଷତା ଉପରେ ଚିନ୍ତା କରିବା ନିମନ୍ତେ ଅବଶ୍ୟ ଖୋରାକ ଯୋଗାଇଛି ଯେ ଏଗୁଡ଼ିକର ନିରପେକ୍ଷତା ଉପରେ ଏଣିକି ଆଉ ସନ୍ଦେହ କରାଯିବା ଠିକ୍ ହେବ କି ନାହିଁ । ତେବେ ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ଏବେ ମଧ ବୁଦ୍ଧିଜୀବୀମାନଙ୍କ ମନରେ ପ୍ରଶ୍ନବାଚୀ ରହି ଯାଇଛି, ଯାହା ରହିବାର ହଦାର।

## ଜନାଦେଶର ସନ୍ଦେଶ



### ସୌଭାଗ୍ୟ ରଂଜନ ମହାନ୍ତି

ଏହା ନିସନ୍ଦେହ, ୨୦୨୪ ଲୋକସଭା ନିର୍ବାଚନରେ କୌଣସି ଦଳ ସ୍ପଷ୍ଟ ଜନାଦେଶ ପାଇନାହିଁ। କିନ୍ତୁ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ତୃତୀୟଥର ପାଇଁ କେନ୍ଦ୍ରରେ କ୍ଷମତାସୀନ ହେବାକୁ ସମର୍ଥ ହୋଇଛି । କହିବା ବାହୁଲ୍ୟ ଯେ, ଗତ ୨୦୧୪ ସାଧାରଣ ନିର୍ବାଚନରେ ବିଜେପି ଏକାକୀ ୨୮୨ଟି ଏବଂ ୨୦୧୯ରେ ଏକାକୀ ୩୦୩ଟି ଆସନରେ ବିଜୟୀ ହୋଇଥିବାବେଳେ ଏଥର କୁହୁକ ଅଙ୍କଠାରୁ ବହୁଦୂରରେ ରହିଛି ଅର୍ଥାତ ୨୩୮ଟି ଆସନରେ ବିଜୟ ହୋଇଛି। ଗତ ୨୦୧୪ ଓ ୨୦୧୯ରେ କେନ୍ଦ୍ରରେ ବିଜେପି ଏନଡିଏ ସହଯୋଗୀଙ୍କୁ ନେଇ ସରକାର ଗଢିଥିବା ସତ୍ତ୍ୱେ ଏକ ଦୃଢ ଓ ସ୍ଥିର କରିଥିଲା। ବହୁ କ୍ଷେତ୍ରରେ ସହଯୋଗୀଙ୍କ ବିନା ସହମତିରେ କେତେକ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସମର୍ଥ ହୋଇଥିଲା। ମାତ୍ର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ କରିବାକୁ ଯାଉଥିବାବେଳେ ପୂର୍ବ ଦୁଇ ସରକାରଙ୍କ ପରି ଏହା ଦୃଢ ଏବଂ ସ୍ଥିର ସରକାର ହେବା ଆଶା କରାଯାଇନପାରେ। ମନଇଛା ଏଣିକି ନିଜ ଦଳକୁ ସୁହାଇବା ପରି କୌଣସି ନିଷ୍ପତି ସହଯୋଗୀଙ୍କ ବିନା ସହମତିରେ ନେଇପାରିବେ ନାହିଁ। ଯେକୌଣସି ନିଷ୍ପତି ପାଇଁ ସହଯୋଗୀଙ୍କ ସହମତ ଆବଶ୍ୟକ। ସେହିପରି ନିର୍ବାଚନର ଅବ୍ୟବହିତ ଏନଡିଏରେ ସାମିଲ ହୋଇଥିବା ଦୁଇ ସହଯୋଗୀ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ ପାର୍ଟି(ଟିଡିପି) ଏବଂ ନୀତିଶ କୁମାରଙ୍କ ଜେଡିୟୁ ସରକାରରେ କିଙ୍ଗ ମେକର ହେବା ଆଶଙ୍କାକୁ ଅଣଦେଖା କରାଯାଇନପାରେ। ଅତୀତରେ ମୋଦୀଙ୍କୁ ବିରୋଧ କରି ଉଭୟ ଏନଡିଏ ଛାଡି ଥିଲେ। ପୁନଶ୍ଚ କ୍ଷମତା ପାଇଁ ଉଭୟ ନେତା ଯେକୌଣସି ପଦକ୍ଷେପ ନେଇପାରନ୍ତି। ସେମାନେ କେବେହେଲେ ଭରସା ଯୋଗ୍ୟ ନୁହଁନ୍ତି, ଏହା ନିସନ୍ଦେହରେ କୁହାଯାଇପାରେ। ପୁନଶ୍ଚ ଚଳିତ ନିର୍ବାଚନର ଜନାଦେଶ ଯେ, ବିଜେପି ବିରୁଦ୍ଧରେ ଏହା ନିସନ୍ଦେହରେ କୁହାଯାଇପାରିବ। ଅବକି ବାର-୪୦୦ ପାରର ନାରାଦେଇ ନିର୍ବାଚନ ମଇଦାନକୁ ଅବତୀର୍ଣ୍ଣ ହୋଇଥିବା ବିଜେପି ୩୦୦ଅଙ୍କକୁ ଛୁଇଁ ପାରିନାହିଁ। ଅପରପକ୍ଷରେ କଂଗ୍ରେସ ଏକାକୀ ଦୀର୍ଘ ଦୁଇ ଦଶନ୍ଧି ପରେ ତିନି ଅଙ୍କରେ ପ୍ରବେଶ କରିଥିବା ସମୟରେ ଏହାର ନେତୃତ୍ୱାଧୀନ ଇଣ୍ଡିଆ ମେଂଟ ୨୩୩ଟି ଆସନ ଦଖଲ କରିବା ଯୋଗୁଁ ଦେଶରେ ବିରୋଧି ଦଳ ଏକ ଦୃଢ ସ୍ଥିତିରେ ରହିବ, ଏହା କୁହାଯାଇପାରେ। ୨୦୨୪ ନିର୍ବାଚନରେ କଂଗ୍ରେସ ୧୦୧ଟି ଆସନ କରି ଭାରତୀୟ ରାଜନୈତିକ ଦୃଶ୍ୟପଟରେ ପୁନଶ୍ଚ ନିଜର ଦବଦବା ଜାହିର କରିବାକୁ ସମର୍ଥ ହୋଇଛି। ଦୀର୍ଘ ୧୦ବର୍ଷ ଧରି ରାଜନୈତିକ ଦୃଶ୍ୟପଟରୁ କ୍ରମଶଃ ନିଶ୍ଚିହ୍ନ ହୋଇଯାଇଥିବା କଂଗ୍ରେସ ପୁନଶ୍ଚ କ୍ଷମତା ଦଖଲ ଦିଗରେ ଅଗ୍ରସର ହୋଇଛି। ୨୦୨୪ ନିର୍ବାଚନରେ ଏହି ସନ୍ଦେଶ ପ୍ରଦାନ କରିଥିବା ମନେହୁଏ। ତେବେ ଚଳିତ ଲୋକସଭା ଏକକାଳୀନ ଅନୁଷ୍ଠିତ ହୋଇଥିବା ୪ଟି ରାଜ୍ୟର ବିଧାନସଭା ନିର୍ବାଚନରେ ମିଶ୍ରିତ ଜନାଦେଶ ପ୍ରକାଶ ପାଇଛି। ଓଡିଶା ଓ ଆନ୍ଧ୍ରପ୍ରଦେଶରେ ଶାସକ ଦଳ କ୍ଷମତାଚ୍ୟୁତ ହୋଇଥିବାବେଳେ ଅରୁଣାଚଳ ପ୍ରଦେଶ ଏବଂ ସିକିମ୍ ରାଜ୍ୟବାସୀ ପୁନଃ ଆସ୍ଥା ପ୍ରକଟ କରିଛନ୍ତି। ଅରୁଣାଚଳ ଓ ଓଡିଶାରେ ବିଜେପି କ୍ଷମତାସୀନ ହୋଇଥିଲାବେଳେ ଆନ୍ଧ୍ରରେ ଟିଡିପି ଏବଂ ସିକିମରେ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା ପୁଣି କ୍ଷମତାସୀନ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଲଗାତାର ୫ଟି ପାଳିରେ ଦୀର୍ଘ ୨୪ବର୍ଷ ଧରି କ୍ଷମତାରେ ବିଜେଡି ଓଡିଶାରେ ୨୦୨୪ ବିଧାନସଭା ନିର୍ବାଚନରେ କ୍ଷମତାଚ୍ୟୁତ ହୋଇଛି। ପ୍ରଥମଥର ପାଇଁ ବିଜେପି ନିଶଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ଓଡିଶା ରାଜନୀତିରେ ନୂତନ ଇତିହାସ ସୃଷ୍ଟି କରିଛି। ଓଡିଶାରେ ବିଜେଡି କିମ୍ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ କିମ୍ବା ବିଜେପି ସପକ୍ଷରେ କୌଣସି ଲହର ନଥିବାବେଳେ ଦଳର କେନ୍ଦ୍ରୀୟ ନେତୃବର୍ଗ ତଥା ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦଳର କର୍ମକର୍ତ୍ତା, ବିଜେପି ଶାସିତ ବହୁ ରାଜ୍ୟର ମୁଖ୍ୟମନ୍ତ୍ରୀ, ଓଡିଆ ଅସ୍ମିତା, ଶ୍ରୀମନ୍ଦିର ଚାବି ହଜିବା ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଯେଉଁଭଳି ମାହୋଲ ସୃଷ୍ଟି ସୁଚିନ୍ତିତ ନିର୍ବାଚନ ପ୍ରଚାର ରଣକୌଶଳ କରିଥିଲେ, ତାହା ରାଜ୍ୟର ଜନସାଧାରଣଙ୍କୁ ପ୍ରଭାବିତ କରିଥିବ ନିଶ୍ଚିତ। ଯେଉଁଥିପାଇଁ କି ରାଜ୍ୟରେ ବିଜେଡି ୧୪୭ଟି ଆସନ ମଧ୍ୟରୁ ୫୧ଟିରେ ସୀମିତ ରହିଥିବାବେଳେ ଲୋକସଭାରେ ସମ୍ପୂର୍ଣ୍ଣ ସତା ହରାଇଛି। ଏଥିପାଇଁ ବିଜେପିର ପ୍ରଧାନମନ୍ତ୍ରୀ ମୋଦୀ ଓ ବିଜେପିର ନେତୃବର୍ଗଙ୍କ ରଣକୌଶଳକୁ ଶ୍ରେୟ ଦେଲେ ହୁଏତ ଅତିରଂଜିତ ହୋଇନପାରେ। ତେବେ ବିଜେପି କାହାରିକୁ ମୁଖ୍ୟମନ୍ତ୍ରୀ ପାର୍ଥୀ ଭାବେ ଉପସ୍ଥାପିତ କରିନଥିବାବେଳେ ନେତୃତ୍ୱ ପାଇଁ ଦଳର ବହୁ ନେତା ଆଶାୟୀ ଅଛନ୍ତି ଏବଂ ଏବେଠାରୁ ଲବି ଆରମ୍ଭ କରିଦେଇଥିବା ଜଣାଯାଏ। ବିଧାନସଭା କିମ୍ବା ଲୋକସଭାକୁ ନିର୍ବାଚିତ ହୋଇନଥିବା ଦୁଇ ଜଣ ଅଣ ରାଜନୈତିକ ଓଡିଆ ବ୍ୟକ୍ତିତ୍ୱ ନାମ ଏବେ ଚର୍ଚ୍ଚାରେ ରହିଛି। ଯଦି ଏହି ଚର୍ଚ୍ଚା ସତ୍ୟ ହୁଏ, ତେବେ ଏଥିରେ ବିସ୍ମିତ ହେବାରେ କିଛି ନାହିଁ। କାରଣ ବିଜେପି ଶାସିତ ରାଜ୍ୟରେ ବିଜେପି ବିଧାୟକ ଦଳ ନୁହେଁ। ଦଳର କେନ୍ଦ୍ରୀୟ ନେତୃତ୍ୱ(ହାଇକମାଣ୍ଡ) ହିଁ ମୁଖ୍ୟମନ୍ତ୍ରୀ ଚୟନ କରିବା ବହୁ ନଜୀର ରହିଛି। ଆମେ ନୂତନ ବିଜେପି ସରକାରଙ୍କୁ ଅଭିନନ୍ଦନ ଜଣାଇବା ସହ ନୂତନ ସରକାର ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ସହ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତି ଗ୍ୟାରେଂଟି ପୂରଣ କରିବେ ବୋଲି ଆଶାବାଦୀ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯


## ଗଠନ ହୋଇପାରୁନି କଳିଙ୍ଗ ରେଜିମେଣ୍ଟ



### ନାରାୟଣ ଚନ୍ଦ୍ର ବିଶ୍ୱାଳ

**ସୋସିଆଲ ମିଡ଼ିଆରେ ଆମ ଯୁବ ବର୍ଗ ଅଧିକାଂଶ ଜଡ଼ିତ ରହିବା ସହ ଦେଶର ସେନା ବ୍ୟବସ୍ଥା, ସାମର୍ଥ୍ୟ ଓ ଆବଶ୍ୟକତା ସମ୍ପର୍କରେ ଅନେକ ପ୍ରସଙ୍ଗ ତତ୍କାଳ ଜାଣୁଛନ୍ତି। ତଥାପି ଏଯାବତ୍ ସେନାରେ ନିଯୁକ୍ତି ପାଇଁ ଓଡ଼ିଶାରେ ସାମାଜିକ ସଚେତନତାର ଅଭାବ ରହିଛି। ଉତ୍ତର ଭାରତରେ ସେନାରେ ଚାକିରି ଏକ ଆକର୍ଷଣ।**

ନିର୍ବାଚନ ସରି କେନ୍ଦ୍ରରେ ପୁନର୍ବାର ମୋଦିଜୀଙ୍କ ସରକାର ଓ ଓଡ଼ିଶାରେ ବିରାଟ ବଡ଼ ପରିବର୍ତ୍ତନ ହୋଇ ବିଜେପି ସରକାର ଗଢ଼ିବାକୁ ଯାଉଛି। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ନେଇ କେଉଁଠି ସମର୍ଥନ ତ କେଉଁଠି ବିରୋଧାଭାସ ଦେଖିବାକୁ ମିଳିଛି। କେନ୍ଦ୍ରର କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀ ଏହି ଯୋଜନା ବିରୁଦ୍ଧରେ ଜୋରଦାର ଆକ୍ରମଣ ମୋଦି ସରକାରଙ୍କ ଉପରେ କରିବା ସହ ତାଙ୍କ ସରକାର ଆସିଲେ ଏହି ଯୋଜନାକୁ ବନ୍ଦ କରିଦିଆଯିବ ବୋଲି ମତ ଦେଇଥିଲେ। ଶାନ୍ତିପ୍ରିୟ ଓଡ଼ିଶାରେ ଏହାକୁ ନେଇ ଅସନ୍ତୋଷ ମଧ ନାହିଁ। ତେବେ ବିହାର, ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟ ଗୁଡ଼ିକରେ ଆନ୍ଦୋଳନ ବ୍ୟାପକ ହେଲାଣି। ଅନେକ ହୁଏତ ଜାଣି ନାହାଁନ୍ତି ସେନାବାହିନୀରେ ଭାରତର ବିଭିନ୍ନ ରାଜ୍ୟ ମଧ୍ୟରୁ ପଞ୍ଜାବ, ଉତ୍ତରପ୍ରଦେଶ, ଗୁଜୁରାଟ, ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ସଂଖ୍ୟା ଅଧିକ। ଏହି ରାଜ୍ୟରୁ ଅଧିକ ସଂଖ୍ୟକ ଯୁବ ବର୍ଗ ସେନା ବାହିନୀର ତିନି ବିଭାଗରେ ଅବସ୍ଥାପିତ। ତେବେ ଏମିତି ବି ସୈନ୍ୟବାହିନୀରେ ଓଡ଼ିଶାର ଯୋଗଦାନ ଅପେକ୍ଷାକୃତ କମ। ଦେଶର ୩.୪% ଜନସଂଖ୍ୟା ଓଡ଼ିଶାରେ, କିନ୍ତୁ ସେନାରେ ମାତ୍ର ୧.୫% ହେଲେ ଓଡ଼ିଆ। କଳିଙ୍ଗ ରେଜିମେଣ୍ଟ ଗଠନ ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ମଧ ଏ ପର୍ଯ୍ୟନ୍ତ ଫଳବତୀ ହେଲାନି। ସେନାରେ ଭର୍ତ୍ତି ପାଇଁ ଓଡ଼ିଆ ଯୁବକ ମାନଙ୍କୁ ପ୍ରାକ ମିଲିଟାରୀ ତାଲିମ ବ୍ୟବସ୍ଥା ମଧ ନାହିଁ। ତେଣୁ ଶୋଇଲା ପୁଅର ଭାଗ ନାହିଁ ନ୍ୟାୟରେ ଏହି ନୂତନ ଅଗ୍ନିପଥ ଯୋଜନାରେ ଅଧିକ ଓଡ଼ିଆ ଯୁବକ ଲାଭବାନ ହେବାର ଆଶା ମଧ ଦିଶୁନାହିଁ କି ଭବିଷ୍ୟତକୁ ଦିଶିବାର ସମ୍ଭାବନା ମଧ ନାହିଁ।

ସମଗ୍ର ବିଶ୍ୱରେ ଭାରତର ସେନା ବ୍ୟବସ୍ଥା ଅତ୍ୟନ୍ତ ମଜଭୁତ। ବିଶେଷକରି କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ତାଙ୍କ ଦୁଇଟି ଶାସନ ସମୟର ଅବଧି ଭିତରେ ସେନା ବ୍ୟବସ୍ଥାକୁ ସୁଦୃଢ଼ ଓ ଶକ୍ତିଶାଳୀ କରିଛନ୍ତି। ଚୀନ ପରେ ଭାରତୀୟ ସେନା ହେଲା ବିଶ୍ୱରେ ଦ୍ୱିତୀୟ ସର୍ବବୃହତ। ସେନାବାହିନୀର ୩ଟି ଶାଖା ସ୍ଥଳ, ନୌବାହିନୀ ଓ ବାୟୁସେନାରେ ମୋଟ ୧୪ଲକ୍ଷ ଯବାନ ଏବେ କାର୍ଯ୍ୟରତ ଅଛନ୍ତି। ଏହା ବ୍ୟତୀତ ସିଆରପିଏଫ ପରି ସଂରକ୍ଷିତ ସେନା ବାହିନୀ ଯବାନଙ୍କୁ ମିଶାଇଲେ ୨୧ ଲକ୍ଷ ଟପିବ। ଏଥିରୁ ମାତ୍ର ୧.୫% ଅର୍ଥାତ୍ ୩୧ ହଜାର ୬୦୦ ଯବାନ ହେଲେ ଓଡ଼ିଆ। ସ୍ଥଳବାହିନୀରେ ଓଡ଼ିଶାରୁ ୨୩ ହଜାର ୮୯୯ଜଣ, ବାୟୁସେନାରେ ୪ ହଜାର ୧୬୧ ଜଣ ଓ ନୌବାହିନୀରେ ୩ ହଜାର ୨୪୧ ଜଣ ଏବେ କାର୍ଯ୍ୟ କରୁଛନ୍ତି।

୨୦୨୦ ମସିହାରେ ଓଡ଼ିଶାର ଜନସଂଖ୍ୟା ହେଲା ପ୍ରାୟ ୪ କୋଟି ୬୩ ଲକ୍ଷ। ଦେଶର ଜନସଂଖ୍ୟାର ଏହା ହେଲା ୩.୪%। କିନ୍ତୁ ସେନାବାହିନୀରେ ଓଡ଼ିଶାର ନିଯୁକ୍ତି ୧.୫%ରେ ସୀମିତ ରହିଛି। ଜନସଂଖ୍ୟା ଅନୁଯାୟୀ ଓଡ଼ିଶା ଦେଶର ଏକାଦଶ ସର୍ବବୃହତ୍ ରାଜ୍ୟ। କିନ୍ତୁ ସେନାରେ ନିଯୁକ୍ତି କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟ ଗୁଡ଼ିକ ମଧ୍ୟରେ ଷୋଡ଼ଶ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରୁ ସର୍ବାଧିକ ୨ଲକ୍ଷ ୧୮ ହଜାର ସେନାରେ ନିଯୁକ୍ତ ହୋଇଛନ୍ତି। ଏହା ପଛକୁ ବିହାରରୁ ୧ଲକ୍ଷ ୪ ହଜାର, ରାଜସ୍ଥାନରୁ ୧ଲକ୍ଷ ୩ ହଜାର, ମହାରାଷ୍ଟ୍ରରୁ ୯୩ ହଜାର ୯୩୮ ଜଣ ଓ ପଞ୍ଜାବରୁ ୯୩ ହଜାର ୪୩୮ ଜଣ କାର୍ଯ୍ୟ କରୁଛନ୍ତି। ହରିୟାନାରୁ ୮୯ ହଜାର, ଉତ୍ତରାଖଣ୍ଡରୁ ୬୯ ହଜାର, ପଶ୍ଚିମବଙ୍ଗରୁ ୬୪ ହଜାର, ତାମିଲନାଡୁରୁ ୫୬ ହଜାର, ମଧ୍ୟପ୍ରଦେଶରୁ ୫୫ ହଜାର, ଆନ୍ଧ୍ରପ୍ରଦେଶରୁ ୫୩ ହଜାର, ହିମାଚଳ ପ୍ରଦେଶରୁ ୫୧ ହଜାର, କେରଳରୁ ୪୮ ହଜାର, କର୍ଣ୍ଣାଟକରୁ ୩୬ ହଜାର ସେନାରେ ଏବେ କାର୍ଯ୍ୟରତ। ଏହାପଛକୁ ଓଡ଼ିଶାର ସ୍ଥାନ ରହିଛି।

ସୋସିଆଲ ମିଡ଼ିଆରେ ଆମ ଯୁବ ବର୍ଗ ଅଧିକାଂଶ ଜଡ଼ିତ ରହିବା ସହ ଦେଶର ସେନା ବ୍ୟବସ୍ଥା, ସାମର୍ଥ୍ୟ ଓ ଆବଶ୍ୟକତା ସମ୍ପର୍କରେ ଅନେକ ପ୍ରସଙ୍ଗ ତତ୍କାଳ ଜାଣୁଛନ୍ତି। ତଥାପି ଏଯାବତ୍ ସେନାରେ ନିଯୁକ୍ତି ପାଇଁ ଓଡ଼ିଶାରେ ସାମାଜିକ ସଚେତନତାର ଅଭାବ ରହିଛି। ଉତ୍ତର ଭାରତରେ ସେନାରେ ଚାକିରି ଏକ ଆକର୍ଷଣ। କିନ୍ତୁ ଓଡ଼ିଶାରେ ସେପରି ବାତାବରଣ ତିଆରି ହୋଇପାରିନି। ସେହିପରି ସେନାରେ ନିଯୁକ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ଆମ ରାଜ୍ୟରେ ଉପଯୁକ୍ତ ତାଲିମ ବ୍ୟବସ୍ଥା ନାହିଁ। ଭାରତର ଅନ୍ୟ ରାଜ୍ୟପରି ଓଡ଼ିଶାରେ କେବଳ ଉପଯୁକ୍ତ ପ୍ରଶିକ୍ଷଣ ନୁହଁ ସେପରି ଆବଶ୍ୟକୀୟ ସୂଚନା ମଧ ଉପଲବ୍ଧ ହୋଇପାରୁନି। ଆଜିର ହାତ ପାହାନ୍ତାରେ ସୋସିଆଲ ମିଡ଼ିଆ ବ୍ୟବସ୍ଥା ଥାଇ ମଧ ଯୁବ ବର୍ଗ ସେନା ସମ୍ବନ୍ଧୀୟ ସାମଗ୍ରିକ ତତ୍କାଳ ସୂଚନା ଜାଣି ପାରୁନାହାନ୍ତି। କୌଣସି ସେନା ବିଭାଗର ପରୀକ୍ଷା ଓ କିମ୍ବା ପ୍ରଶିକ୍ଷଣ କିମ୍ବା ଚାକିରୀରେ ଭର୍ତ୍ତି ହେବା ସମୟରେ ରେଳବାଇ ପକ୍ଷରୁ ଛୋଟିଆ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ନାହିଁ। ଓଡ଼ିଶା ସରକାର ବିଦ୍ୟାଳୟ ପାଠ୍ୟକ୍ରମରେ ଏ ନେଇ ସେପରି ଜ୍ଞାତବ୍ୟ ତଥ୍ୟ ସମ୍ବନ୍ଧୀୟ ଅଧ୍ୟାୟ ରଖିନାହାଁନ୍ତି। ରାଜ୍ୟରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଥିବା ଏନସିସି ବ୍ୟବସ୍ଥା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଯେପରି ପ୍ରଭୂତ ସାହାଯ୍ୟ, ସହଯୋଗ ଓ ପୃଷ୍ଠପୋଷକତା ମିଳିବା କଥା ତାହା ଏଯାବତ୍ ମଧ ସମ୍ଭବ ହୋଇପାରିନାହିଁ। ସେନାବାହିନୀରେ ଆମ ଯୁବ ବର୍ଗଙ୍କ ଆବଶ୍ୟକତା ଓ ଦେଶର ସୁରକ୍ଷା ପାଇଁ କାର୍ଯ୍ୟ କରିବା ନିମିତ୍ତ ସେମାନଙ୍କ ମନୋବଳ ବଢ଼ାଇବା ପାଇଁ କୌଣସି ସଚେତନଧର୍ମୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇନଥାଏ। କେବଳ ବର୍ଷକୁ ଥରେ ଅଧେ କୌଣସି ଜାତୀୟ ଦିବସରେ ବ୍ୟବସ୍ଥାକୁ ଅନୁପାଳନ କରିବା ନିମିତ୍ତ କାଁ ଭାଁ କୌଣସି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଭାରତର ଅନ୍ୟ ରାଜ୍ୟରେ ସେନାରେ ଯୋଗ ଦେଉଥିବା ପରିବାର ପାଇଁ ଯେପରି ଏକ ସ୍ୱତନ୍ତ୍ର ପରିଚିତି ସହ ସେମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ କରାଯାଏ ସେପରି ବ୍ୟବସ୍ଥା ଆମ ଓଡ଼ିଶାରେ ନାହିଁ। ସରକାରୀ ସ୍ତରରେ ବିଶେଷ ପ୍ରୋତ୍ସାହନ ମଧ ନାହିଁ। ବିହାର ରେଜିମେଣ୍ଟ, ପଞ୍ଜାବ ରେଜିମେଣ୍ଟ ପରି ଓଡ଼ିଶା ପାଇଁ ସ୍ୱତନ୍ତ୍ର କଳିଙ୍ଗ ରେଜିମେଣ୍ଟ ଗଠନ ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଛି। କିନ୍ତୁ କେନ୍ଦ୍ର ପ୍ରତିରକ୍ଷା ବିଭାଗ ଏହାକୁ ଗୁରୁତ୍ୱ ଦେଇନାହିଁ। ଫଳରେ ସେନା ବାହିନୀରେ ଓଡ଼ିଆ ପିଲାଙ୍କ ନିଯୁକ୍ତି ବୃଦ୍ଧି ପାଉନି। ଏବେ ଅଗ୍ନିପଥରେ ଓଡ଼ିଆ ଛାତ୍ରଛାତ୍ରୀ ଅଧିକ ସଂଖ୍ୟାରେ ନିଯୁକ୍ତି ପାଇବାର ସମ୍ଭବନା ମଧ ନାହିଁ। ସୂଚନାଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ କଳିଙ୍ଗ ରେଜିମେଣ୍ଟ ଗଠନ ପାଇଁ ପ୍ରଥମେ ସ୍ୱର ଉଠାଇଥିଲେ। ନିଜେ ଜଣେ ସୁଦକ୍ଷ ପାଇଲଟ ଓ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବାରୁ ଦେଶର ସେନା ବ୍ୟବସ୍ଥାରେ ଯୁବ ବର୍ଗଙ୍କ ଉପଯୋଗିତା ଓ ଆବଶ୍ୟକତା ଉପରେ ତାଙ୍କର ବେଶ ପାରଙ୍ଗମତା ରହିଥିଲା। ଓଡ଼ିଶାର ଅଧିକ ଯୁବକ କିଭଳି ସେନାରେ ନିଯୁକ୍ତି ପାଇବେ ସେଥି ପାଇଁ ସେ ବିଶେଷ ଦୃଷ୍ଟି ଦେଇଥିଲେ। ବିଭିନ୍ନ ସମୟରେ ପାର୍ଲାମେଣ୍ଟରେ ବିଜେଡ଼ି ସାଂସଦମାନେ ଏ ଦାବି ଉତ୍ଥାପନ କରିଛନ୍ତି। ନାଗାଲାଣ୍ଡ ଭଳି ଛୋଟ ରାଜ୍ୟରେ ନାଗା ରେଜିମେଣ୍ଟ ରହିଛି। କିନ୍ତୁ ଓଡ଼ିଶାର ସ୍ୱତନ୍ତ୍ର ରେଜିମେଣ୍ଟ ଅଭାବରୁ ସେନାରେ ଓଡ଼ିଆଙ୍କ ନିଯୁକ୍ତି ହାର ବୃଦ୍ଧି ପାଇପାରୁନି। ତେଣୁ ଉଭୟ ରାଜ୍ୟ ସରାକର ଓ କେନ୍ଦ୍ର ସରକାର ଏ କ୍ଷେତ୍ରରେ ତୁରନ୍ତ ସହଯୋଗର ହାତ ବଢ଼ାନ୍ତୁ ଓ ଆମ ଯୁବ ବର୍ଗ ନିଜ ମେଧା ଓ ଶାରୀରିକ ଦକ୍ଷତା କୌଶଳ ପ୍ରତିଭାକୁ ନେଇ ଦେଶ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ବ୍ରତୀ ହୁଅନ୍ତୁ।



'ଧ୍ୱନୀ' ମେଟ୍ରୋପ୍ଲାଜା,
କାଠଗୋଲା ରୋଡ୍,
ମଙ୍ଗଳାବାଗ, କଟକ
ମୋ: ୯୪୩୮୨୭୬୭୬୦





### ଆଖି

**ପ୍ରିୟନାଥ ପାଣି**



ଆଖି କେବେ ଶିଶୁଟିର
ଆଞ୍ଜୁଳାଏ ମୁଗ୍ଧ ସମର୍ପଣ
ନିରୀହପଣରେ ଯାହା
ଜୁଳୁ ଜୁଳୁ ଅବୋଧ ଅନୁକ୍ଷଣ ।

ଆଖି କେବେ ପ୍ରେମିକର
ଦୁଷ୍ଟ ବିଚରଣ
ବାର ବାର ଖୋଜୁଥାଏ
ପ୍ରେମିକା ବଦନ
ସମ୍ମୋହନ ସଂଗୋପନ
ମୁଠାଏ ଆବେଗ ଆଣେ
ଶୀତ ଶିହରଣ ।

ଆଖି କେବେ କାମୁକର
ଦୁଷ୍ଟ ସଂଚରଣ
ଲହ ଲହ ପାପ ଆସ୍ୱାଦନ
କୀଟଦ୍ରଂଷ୍ଟ ମନ
ଚଳୁଏ ଅନ୍ଧାର ଖୋଜେ
ରାଶି ରାଶି ଦେହଜ କମ୍ପନ।


ଆଖି କେବେ ସୈତାନ୍‌ର
ତୀକ୍ଷ୍ଣ ଅନୁମାନ
ଯାଯାବରୀ ଛଦ୍ମ ଆବରଣ
ଟକ୍ ଟକ୍ ଫୁଟୁଥିବା
ବିଦ୍ରୋହୀ ଜ୍ୱଳନ
ଏଇ ଆଖି କାଳେ ଅପଦେବତାର
କୂଟ ଆକ୍ରମଣ ।

ଆଖି କେବେ ଜନନୀର
ବ୍ୟାସାସନ
କରୁଣା ଆପ୍ଲୁତ ପୁଣି
ନିଃସ୍ୱ ନିବେଦନ
ପୁଷ୍ପିତ କଦମ୍ବବନ
ଉତ୍ତାଳ ଉତ୍କଣ୍ଠା ସହ
ଅକୁଣ୍ଠ ଚୁମ୍ବନ ଥାଏ ଯହିଁ
ଅସଂଖ୍ୟ କାରଣ
ଏଇ ବୋଧେ ଆଖି ପାଇଁ
ମିଷ୍ଟ ଉଚ୍ଚାରଣ ।ଅଅ


କଦଳିଆ, ବୈଶିଙ୍ଗା,
ମୟୂରଭଞ୍ଜ
୭୫୭୦୨୮
ମୋ: ୯୯୩୭୧୨୫୧୫୧


### ଚୂଳି ଚାଳ

**କୀର୍ତ୍ତନ ସାହୁ**



ଆମ ଚୂଳି ଚାଳ
ଆମ ସ୍ୱର୍ଗ ପୁର
ବର୍ଷ ବର୍ଷ ଧରି
ଆମ ମେହନତୀର ସ୍ୱପ୍ନ ପୁର

ଏଇଠି ଖୁନ୍ଦି ହେଇଛି
ପ୍ରେମ ପ୍ରଣୟ ମାନ ଅଭିମାନ
ଆମ ଭରସା ପ୍ରିୟ ପରିଜନ
ବିଷାଦ ଆନନ୍ଦର କଳା କାରୁକାର୍ଯ୍ୟ
ଭାସ୍କର୍ଯ୍ୟର କୋଣାର୍କ

ପ୍ରକୃତିର ପ୍ରକୋପରେ
ଅସ୍ତ ବ୍ୟସ୍ତ ଏ ଜୀବନ
ଦିନେ ଦୁଇ ଦିନ ବା କିଛି ଦିନ
ଯାକୁ ଛାଡିଲେ ବି
ମୋହ କଣ ଭାଙ୍ଗି ହୁଏ
ନା ଯାକୁ ପାଶୋରି ହୁଏ

ସ୍ୱପ୍ନର କଡି ମାନ
ଦଳାଚକଟାରେ ମକଚି ହେଲେ ବି
ସ୍ୱପ୍ନ ଆମର ତୁଟି ଯାଏନା
ପୁନଃ କଡି ଫୁଲ ସର୍ଜନାରେ
ଆମରି କାରିଗରୀକୁ
ଆପଣେଇ ନୋଉ
ମନ ମଜାଇ ଦୋଉ
ସ୍ୱପ୍ନ ତ ଆମର
ଆମ ଚୂଳି ଚାଳକୁ ନେଇ
ଟିକେ ମୁଣ୍ଡ ଗୁଞ୍ଜିବା
ଦି'ଟା ଖାଇବା
ଟିକେ ବଞ୍ଚିବାର ଆଶ୍ରୟ ସ୍ଥଳୀ

ନା ଏଠି ଥାଏ ବଡର ବଡିମା
ନା ଥାଏ ଅହଂର ଆସ୍ଫାଳନ
ଏଠି ତ ଭରି ରହି ଥାଏ
ଆଚରଣର ଆହରଣ
ଅପଣାପଣର ବିସ୍ତରଣ
ଭଲ ପାଇବାର ବେଢ଼ାରେ
ଛନ୍ଦି ହେବାର
ପାରିବାରିକ ମାଧୂର୍ଯ୍ୟ

ଜୀବନ ଜିଇଁବାର ଗତିଶୀଳତା
ବେଳେ ବେଳେ ଧୀମେଇ ଯାଏ
ଆମ ଧୈର୍ଯ୍ୟର ପରିସର
ପରୀକ୍ଷା କରା ଯାଏ
ବାହାବା ନେବାର ସ୍ୱର
ଆମକୁ ଅସ୍ତ ବ୍ୟସ୍ତ କରେ
ସଂଘର୍ଷ କରି କରି
ଆମେ ଖୋଜି ବୁଲୁ ବଞ୍ଚିବାର ରାହା
ଆମ ଚୂଳି ଚାଳର ମାୟାରେ
ଆମେ ମୋହଗ୍ରସ୍ତ ହେଉ
ପକ୍ଷୀ ଫେରି ଯାଏ ତା ନୀଡକୁ
ବରାଭୟର ଆଶ୍ରୟସ୍ଥଳୀକୁ ।

ଇଏ ତ ଆମ
ଆଶା ଆସ୍ଥାର ଆଶ୍ୱସ୍ତି ପତ୍ର
ଆମ ଜୀବନ ଜୀଇଁବାର
ପାଠ ଶାଳା ।
ଅଅ


ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧

# ଏହି ତାରିଖରେ ରିଲିଜ୍ ହେବ ପ୍ରଭାସଙ୍କ ଫିଲ୍ମ କଲକି ୨୮୯୮ଏଡିର ଟ୍ରେଲର



ସିନେମା 'ବାହୁବଳୀ' ଜରିଆରେ ପ୍ରଭାସ ଏକ ବଡ଼ ସଫଳତା ପାଇଥିଲେ। ଏହା ପରେ ପରେ ରିଲିଜ୍ ହୋଇଥିବା ତାଙ୍କର କିଛି ସିନେମା ଫ୍ଲପ ହେବା ପରେ ଫିଲ୍ମ ସାଲାର ପୁଣି ତାଙ୍କୁ ବକ୍ସ ଅଫିସ କିଙ୍ଗ କରିଥିଲା। ଏବେ ଅଭିନେତା କିଛି ଦିନ ହେବ ତାଙ୍କ ଆଗାମୀ ଚଳଚ୍ଚିତ୍ର 'କଲକି ୨୮୯୮ଏଡି'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ାଇବାକୁ ନିର୍ମାତା ଏବେ ଫିଲ୍ମର ଟ୍ରେଲର ରିଲିଜ୍ କରିବାକୁ ଯାଉଛନ୍ତି। ଇନଷ୍ଟାରେ ଏକ ପୋଷ୍ଟ କରି ଟ୍ରେଲର ରିଲିଜ୍ ତାରିଖ ଜଣାଇଛନ୍ତି ନିର୍ମାତା। ପ୍ରଥମେ ଜୁନ୍ ୭ରେ ଫିଲ୍ମର ଟ୍ରେଲର ରିଲିଜ୍ ହେବାକୁ ଥିବା ବେଳେ ଏବେ ନିର୍ମାତା ରିଲିଜ୍ ତାରିଖ ନିର୍ମାତା ବଦଳାଇଛନ୍ତି। ନୂତନ ରିପୋର୍ଟ ଅନୁଯାୟୀ, ଫିଲ୍ମଟି ଜୁନ୍ ୧୦ରେ ରିଲିଜ୍ ହେବ। ନିର୍ମାତା ପ୍ରଭାସଙ୍କ ଏକ ପୋଷ୍ଟର ସେୟାର କରିଛନ୍ତି, ଯେଉଁଥିରେ ସେ ପାହାଡ ଉପରେ ଠିଆ ହୋଇ କୌଣସି ସ୍ଥାନକୁ ଚାହିଁଥିବାର ଦେଖାଯାଉଛି। ପୋଷ୍ଟର ସେୟାର କରି ନିର୍ମାତା ଲେଖିଛନ୍ତି- 'ନୂଆ ଦୁନିଆ ଅପେକ୍ଷା କରିଛି। କଲକି ୨୮୯୮ଏଡିର ଟ୍ରେଲର ଜୁନ୍ ୧୦ରେ ମୁକ୍ତିଲାଭ କରିବ। ଟ୍ରେଲର ରିଲିଜ୍ ଘୋଷଣାକୁ ନେଇ ପ୍ରଶଂସକମାନେ ବହୁତ ଉତ୍ସାହିତ ହୋଇଛନ୍ତି। ସେ ଏହି ପୋଷ୍ଟରେ କମେଣ୍ଟ ଦେଇ ଖୁସି ବ୍ୟକ୍ତ କରୁଛନ୍ତି।

# ଶାହରୁଖଙ୍କ ସହ ରେଖାଙ୍କ ଏନର୍ଜେଟିକ୍ ଡ୍ୟାନ୍ସ: ଉଦାସୀନତାରେ ଅମିତାଭ ବଚ୍ଚନ



ଯେତେବେଳେ ରେଖା ମଞ୍ଚକୁ ଆସି ନିଜର ପୁରୁଣା ଗୀତରେ ନାଚିବା ଆରମ୍ଭ କରନ୍ତି, ଦର୍ଶକମାନଙ୍କ ହୃଦୟକୁ କାବୁ କରିନିଅନ୍ତି। ସେମିତି ଏକ ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ବଲିଉଡର କିଙ୍ଗ ଖାନ ଅର୍ଥାତ୍ ଶାହରୁଖ ଖାନଙ୍କ ସହ ରେଖାଙ୍କ ଏକ ଡ୍ୟାନ୍ସ ଭିଡିଓ ଭାଇରାଲ ହେଉଛି। ଏହି ଥ୍ରୋବ୍ୟାକ୍ ଭିଡିଓ ଏକ ପୁରସ୍କାର ଶୋ'ରୁ ଆସିଥିବା ଜଣାପଡିଛି। ବଲିଉଡ୍‌ର ଚିର ସବୁଜ ଅଭିନେତ୍ରୀ ରେଖା ତାଙ୍କର ଅଦ୍ଭୁତ ଏନର୍ଜି ଏବଂ ଫିଟ୍‌ନେସ୍ ପାଇଁ ଜଣାଶୁଣା। ଲୋକମାନେ ଆଜି ବି ତାଙ୍କ ସୌନ୍ଦର୍ଯ୍ୟକୁ ନେଇ ଆଲୋଚନା କରନ୍ତି। ଏପରି ପରିସ୍ଥିତିରେ, ଯେତେବେଳେ ସେ ମଞ୍ଚକୁ ଆସି ନିଜର ପୁରୁଣା ଗୀତରେ ନାଚିବା ଆରମ୍ଭ କରନ୍ତି, ଦର୍ଶକମାନଙ୍କ ହୃଦୟକୁ କାବୁ କରିନିଅନ୍ତି। ସେମିତି ଏକ ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି। ବଲିଉଡର କିଙ୍ଗ ଖାନ ଅର୍ଥାତ୍ ଶାହରୁଖ ଖାନଙ୍କ ସହ ରେଖାଙ୍କ ଏକ ଡ୍ୟାନ୍ସ ଭିଡିଓ ଭାଇରାଲ ହେଉଛି। ଏହି ଥ୍ରୋବ୍ୟାକ୍ ଭିଡିଓ ଏକ ପୁରସ୍କାର ଶୋ'ରୁ ଆସିଥିବା ଜଣାପଡିଛି। ଏହି ଭାଇରାଲ୍ ଭିଡିଓରେ ରେଖା ଶାହରୁଖ ଖାନଙ୍କ ସହ ନିଜ ଫିଲ୍ମ 'ନଟବରଲାଲ' ର 'ପରଦେଶୀଆ' ଗୀତରେ ନାଚୁଥିବାର ନଜର ଆସିଛନ୍ତି। ଏହି ଗୀତଟି ରେଖା ଏବଂ ଅମିତାଭ ବଚ୍ଚନଙ୍କ ଉପରେ ସୁଟିଂ କରାଯାଇଥିଲା। ଶାହରୁଖଙ୍କ ସହ ଏହି ଅଭିନୟ ସମୟରେ ଅମିତାଭ ବଚ୍ଚନ ମଧ୍ୟ ସାମ୍ନାରେ ବସିଥିବାର ନଜର ଆସିଛନ୍ତି ଏବଂ କ୍ୟାମେରା ମଧ୍ୟ ତାଙ୍କର ଏକ୍ସପ୍ରେସନକୁ କଏଦ କରିଛି। ଏହି ଗୀତରେ ରେଖା ଏବଂ ଶାହରୁଖ ଖାନ ବହୁତ ସୁନ୍ଦର ଭାବେ ଡ୍ୟାନ୍ସ କରୁଛନ୍ତି। ରେଖାଙ୍କ ଉତ୍ସାହଜନକ ଷ୍ଟାଇଲ୍ ଦେଖି ପ୍ରଶଂସକମାନେ ସୋସିଆଲ ମିଡିଆରେ ତାଙ୍କୁ ପ୍ରଶଂସା କରିବାରେ ଟିକେ ବି ଅଟକୁ ନାହାନ୍ତି। କିଙ୍ଗ୍ ଖାନ୍ ମଧ୍ୟ ରେଖାଙ୍କୁ ପୂରା ଏନର୍ଜି ସହ ସମର୍ଥନ କରିଛନ୍ତି। କିନ୍ତୁ ଏଠାରେ ଗୋଟିଏ କଥା ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ, ତାହା ହେଉଛି ଅମିତାଭ ବଚ୍ଚନଙ୍କ ଏକ୍ସପ୍ରେସନ୍। ଅମିତାଭ ସମ୍ପୂର୍ଣ୍ଣଭାବେ ନୀରବ ହୋଇ ମଞ୍ଚ ଆଡକୁ ଚାହିଁଥିବା ଦେଖାଯାଆନ୍ତି। ଲାଗେ ସତେଯେପରି ସେ ଉଦାସୀନତାରେ ଅଛନ୍ତି। ସେହିପରି ଶିଳ୍ପା ଶେଟ୍ଟୀଙ୍କ ସହ ରେଖାଙ୍କ ଏକ ଚାରି ବର୍ଷ ପୁରୁଣା ଭିଡିଓ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓଟି ହେଉଛି ଡ୍ୟାନ୍ସ ରିଅଲିଟି ସୋ ସୁପର ଡାନ୍ସର। ଏଥିରେ ମଧ୍ୟ ରେଖାଙ୍କ ଜବରଦସ୍ତ ଡ୍ୟାନ୍ସ ଲୋକଙ୍କୁ ଖୁବ୍ ପ୍ରଭାବିତ କରେ। ଏଥିରେ ରେଖାଙ୍କ ଏନର୍ଜି ସ୍ପଷ୍ଟ ବାରିହୋଇପଡେ।

# ପୁଅର ଦ୍ୱିତୀୟ ପ୍ରି-ୱେଡ଼ିଂ ପାର୍ଟିକୁ ଏହି ୨ କଳାକାରଙ୍କୁ ନିମନ୍ତ୍ରଣ କରିନଥିଲେ ଅମ୍ବାନୀ ପରିବାର




କିଛିଦିନ ହେବ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଅଧ୍ୟକ୍ଷ ମୁକେଶ ଅମ୍ବାନିଙ୍କ ସାନ ପୁଅ ଅନନ୍ତ ଅମ୍ବାନିଙ୍କ ବାହାଘରକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନନ୍ତଙ୍କ ବିବାହ ଆସନ୍ତା ଜୁଲାଇରେ ରାଧିକା ମର୍ଚ୍ଚାଣ୍ଟଙ୍କ ସହିତ ହେବ। ବିବାହକୁ ଆଉ କିଛି ଦିନ ବାକି ଥିବା ବେଳେ ଅନନ୍ତ ଅମ୍ବାନି ଓ ରାଧିକାଙ୍କ ପ୍ରି ୱେଡିଂ ସେଲିବ୍ରେସନ ଆରମ୍ଭ ହୋଇଯାଇଛି। ପୂର୍ବରୁ ଗୁଜରାଟର ଜାମନଗରରେ ୩ଦିନିଆ ପ୍ରି ୱେଡିଂ ସେଲିବ୍ରେସନ ହୋଇଥବା ବେଳେ ବିଶ୍ୱର ଅନେକ ଧନୀକ ବ୍ୟକ୍ତି ଏଥିରେ ସାମିଲ ହୋଇଥିଲେ। ପ୍ରାୟ ୧୨୦୦ଜଣ ଅତିଥି ପ୍ରି ୱେଡିଂ ସେଲିବ୍ରେସନରେ ଯୋଗ ଦେଇଥିବା ବେଳେ ସେମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମୁକେଶ ଅମ୍ବାନୀ। ଜାମନଗର ପରେ ଇଟାଲୀରେ ଅମ୍ବାନୀ ପରିବାର



ଆଉ ଏକ ପ୍ରି ୱେଡିଂ ସେଲିବ୍ରେସନ କରିଥିଲେ। ମେ' ୨୯ରୁ ଜୁନ୍ ୧ପର୍ଯ୍ୟନ୍ତ ଏକ କ୍ରୁଜରେ ଅମ୍ବାନୀ ପରିବାର, ସେମାନଙ୍କ ବନ୍ଧୁ ଓ ବଲିଉଡ କଳାକାର ପାର୍ଟି କରିଥିଲେ। ଏବେ ପାର୍ଟି ଶେଷ ହେବା ସହ ସମସ୍ତେ ମୁମ୍ବାଇ ଫେରିଛନ୍ତି। ଏମଧ୍ୟରେ ଖବର ମିଳୁଛି ଯେ, ଅମ୍ବାନୀ ପରିବାର ବଲିଉଡର ୨କଳାକାରଙ୍କୁ ନିମନ୍ତ୍ରଣ କରିନଥିଲେ। ସେ ଦୁହେଁ ହେଉଛନ୍ତି, ଖିଲାଡି କୁମାର ଅକ୍ଷୟ ଓ ମହାନାୟକ ଅମିତାଭ ବଚ୍ଚନ। ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଖବରରେ କେତେ ସତ୍ୟତା ରହିଛି, ତାହା ଜଣାପଡ଼ିନାହିଁ। ଏହା ସହ ଖବରଟି ଯଦି ସତ ତେବେ ଦୁହିଁଙ୍କୁ କାହିଁକି ନିମନ୍ତ୍ରଣ କରାଯାଇନଥିଲା, ତାହା ମଧ୍ୟ ସାମ୍ନାକୁ ଆସିନାହିଁ।

# କିଭଳି ସଫଳ ହେବାକୁ ହୁଏ ତାହା କଟ୍ରିନାଙ୍କଠାରୁ ଶିଖିବା ଉଚିତ୍: ଶେଖର ସୁମନ



ଚର୍ଚ୍ଚାରେ ସଞ୍ଜୟ ଲୀଲା ଭଂସାଲୀଙ୍କ ୱେବ ସିରିଜ୍ ହୀରାମଣ୍ଡି। ଏହି ଫିଲ୍ମରେ ଅନେକ ଏଭଳି କଳାକାର କାମ କରିଛନ୍ତି, ଯେଉଁମାନେ କିଛି ବର୍ଷ ହେବ ପରଦାଠାରୁ ଦୂରରେ ରହିଥିଲେ। ସେମଧ୍ୟରୁ ଜଣେ ହେଉଛନ୍ତି ଅଧ୍ୟୟନ ସୁମନ। ଶେଖର ସୁମନଙ୍କ ପୁଅ ଅଧ୍ୟୟନ ଅନେକ ବର୍ଷ ପରେ ହୀରାମଣ୍ଡି ଜରିଆରେ ପରଦାକୁ ଫେରିଛନ୍ତି। ନୱାଜ ଜୋରାବର ଚରିତ୍ର କରି ସେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ତେବେ ସଂଘର୍ଷ ସମୟର ଅନୁଭୂତି ସେୟାର କରି ଅଧ୍ୟୟନ ଏକ ସାକ୍ଷାତକାରରେ କହିଛନ୍ତି ଯେ, "ମୁଁ ହିରୋ ଭାବେ ଫିଲ୍ମ କରିବା ଆରମ୍ଭ କରିଥିଲି। ହେଲେ ସମୟ ସହ ପୋଷ୍ଟରରେ ମୋ ଫଟୋ ଛୋଟ ହୋଇ ହୋଇ ଗଲା। ଏହି କଷ୍ଟ ମୁଁ ଶବ୍ଦରେ କହିପାରିବି ନାହିଁ। ଏବେ ପୁଣି ମୋତେ ସୁଯୋଗ ମିଳିଛି। ପୁଣି ଫଟୋକୁ କିଭଳି ପୋଷ୍ଟରରେ ବଡ଼ କରିହେବ ସେଥିପାଇଁ ସଂଘର୍ଷ କରିବି।" ଏହା ଶୁଣି ବାପା ଶେଖର ସୁମନ କହିଥିଲେ, ଅନ୍ୟର ଯାତ୍ରାରୁ ପ୍ରେରଣା ନିଅ। କଟ୍ରିନା କୈଫଙ୍କୁ ଦେଖ। ସେ ତାଙ୍କ ପ୍ରଥମ ଫିଲ୍ମ ବୁମରେ କିଭଳି ଠିଆ ହୁଅନ୍ତି, କିଭଳି ଡାଏଲଗ କୁହାଯାଏ, ତାହା ଜାଣିନଥିଲେ। ହେଲେ ଏବେ ଦେଖ ସେ କେଉଁଠି ପହଁଛନ୍ତି। କେବଳ ସେ ନୁହନ୍ତି, ଦୀପିକା ପାଦୁକୋନ ଓ ଅନନ୍ୟା ପାଣ୍ଡେ ମଧ୍ୟ ଅନେକ ଟ୍ରୋଲିଂର ଶିକାର ହେବା ସତ୍ତ୍ୱେ ଆଜି ସଫଳ ହୋଇଛନ୍ତି।

# ଟିଭି ଉପରେ ରାଗ ଉଦ୍‌ଗାରିଲେ ଉର୍ଫି: କହିଲେ ଏ ଦୁନିଆ ବହୁତ ଖରାପ, ଏଠି କୁକୁର ଭଳି ବ୍ୟବହାର କରାଯାଏ

ଉର୍ଫି ଜାଭେଦ୍ ଆଜି ଜଣେ ସୋସିଆଲ୍ ମିଡିଆ ସେନସ୍ୱେସ୍ ଭାବରେ ପ୍ରସିଦ୍ଧ। ତାଙ୍କର ଅସାଧାରଣ ପୋଷାକ ଏବଂ ଫ୍ୟାଶନ୍ ସେନ୍ସ ସହିତ ସେ ସୋସିଆଲ ମିଡିଆ ଦୁନିଆରେ ଏକ ଭିନ୍ନ ସ୍ଥାନ ହାସଲ କରିଛନ୍ତି। ଆଜି, ଯଦିଓ ସେ ଅଭିନୟଠାରୁ ଦୂରରେ ଏହି କେବଳ ଇନ୍‌ଫ୍ଲୁଏନ୍ସର ଭାବରେ କ୍ୟାରିଅର୍ କରୁଛନ୍ତି, କିନ୍ତୁ ତାଙ୍କର ଆରମ୍ଭ ଛୋଟ ପରଦାରୁ ହିଁ ଥିଲା। ଉର୍ଫି ଅନେକ ଲୋକପ୍ରିୟ ଟିଭି ସିରିଏଲର ଏକ ଅଂଶ ହୋଇସାରିଛନ୍ତି। ବର୍ତ୍ତମାନ ଆପଣ ନିଶ୍ଚିତ ଭାବରେ ଭାବୁଥିବେ ତେବେ ଏମିତି କ'ଣ ହେଲା ଯେ ଉର୍ଫି ଛୋଟ ପରଦାରୁ ନିଜକୁ ଦୂରେଇ ଦେଲେ ଏବଂ ଆଜି ପର୍ଯ୍ୟନ୍ତ ଫେରି ନାହାଁନ୍ତି। ତେବେ ଆସନ୍ତୁ ଆପଣଙ୍କୁ କହିବା ପୁରା କାହାଣୀ କ'ଣ...



ଉର୍ଫି ଜାଭେଦ୍ 'ବଡେ ଭୈୟା କୀ ଦୁଲହନିଆ', 'ଚନ୍ଦ୍ର ନନ୍ଦିନୀ', 'ବେପନାହ' ଭଳି ସିରିଏଲରେ ପାର୍ଶ୍ୱ ଭୂମିକାରେ ଅଭିନୟ କରିଛନ୍ତି। ନିକଟରେ ଏକ ବାର୍ତ୍ତାଳାପରେ ଅଭିନେତ୍ରୀ କାହିଁକି ଟିଭିରୁ ନିଜକୁ ଦୂରେଇ ରଖିଛନ୍ତି ବୋଲି କହିଛନ୍ତି। ସେ କହିଛନ୍ତି, "ଯଦି ଆପଣ ଜଣେ ମୁଖ୍ୟ ଅଭିନେତା ନୁହଁନ୍ତି, ତେବେ ଆପଣଙ୍କୁ କୌଣସି ଧ୍ୟାନ ଦିଆଯିବ ନାହିଁ। ସେମାନେ ତୁମକୁ କୁକୁର ପରି ବ୍ୟବହାର କରିବେ। କିଛି ପ୍ରଡକ୍ସସନ ହାଉସ ବହୁତ ଖରାପ।" ଉର୍ଫି ତାଙ୍କ ଦୁଃଖ ଶେୟାର କରି କହିଛନ୍ତି ଯେ ଅନେକ ଥର ତାଙ୍କୁ ଟଙ୍କା ମଧ୍ୟ ଦିଆଯାଉ ନ ଥିଲା ଏବଂ ଯେତେବେଳେ ଦିଆଯାଉଥିଲା, ଅଧା ଟଙ୍କା ବିନା କାରଣରେ କଟାଯାଉଥିଲା। ସେ କହିଛନ୍ତି ଯେ ସେଟ୍‌ରେ ଅନେକ ଥର ତାଙ୍କୁ ଏତେ ଖରାପ ବ୍ୟବହାର କରାଯାଉଥିଲା ଯେ ସେ କାନ୍ଦି ପକଉଥିଲେ। ଉର୍ଫି କହିଛନ୍ତି ଯେ "କିଛି ସେଟ୍‌ରେ ତାଙ୍କୁ ବହୁତ ଖରାପ ବ୍ୟବହାର କରାଯାଉଥିଲା। ସେଟ୍ ?ରେ କୁକୁର ଭଳି ବ୍ୟବହାର କରାଯାଉଥିଲା। ଏମିତିରେ ତ ମୁଁ ଏକ ସାଇଡ୍ ଭୂମିକାରେ ରହୁଥିଲି। ସେମାନେ ମତେ ବହୁତ କନ୍ଦେଇଛନ୍ତି। ଟିଭିରେ କାମ କରିବା ବେଳେ ମୋ ଅବସ୍ଥା ସାଙ୍ଘାତିକ ହୋଇପଡିଥିଲା।" ତାଙ୍କ କହିବାନୁସାରେ, ଟିଭି ତାଙ୍କୁ ବହୁତ କନ୍ଦେଇଛି ଏବଂ ଏହି କାରଣରୁ ସେ କେବେବି ଟିଭିକୁ ଫେରିବାକୁ ଚାହାଁନ୍ତି ନାହିଁ। 'ବିଗ୍ ବସ୍ ଓଟିଟି' ର ଅଂଶ ହୋଇଥିବା ଏହି ଅଭିନେତ୍ରୀ କହିଛନ୍ତି ଯେ ସେ ଭବିଷ୍ୟତରେ 'ବିଗ୍ ବସ୍'ର ଅଂଶ ହେବାକୁ ଚାହୁଁ ନାହାଁନ୍ତି। ଉର୍ଫିଙ୍କ ଅନୁଯାୟୀ, 'ବିଗ୍ ବସ୍ ଡଞ୍ଜଞ୍ଜ' ତାଙ୍କୁ ଏକ ବହୁତ ଭଲ ସୁଯୋଗ ଦେଇଥିଲା, ଯାହା ଦ୍ୱାରା ସେ ଉପକୃତ ହୋଇଥିଲେ, କିନ୍ତୁ ସେ ଭବିଷ୍ୟତରେ 'ବିଗ୍ ବସ୍'ର ଅଂଶ ହେବାକୁ ଚାହାଁନ୍ତି ନାହିଁ କାରଣ ତାଙ୍କୁ ଲାଗୁ ନାହିଁ ଯେ ସେ ପୁନର୍ବାର ଏହା କରିପାରିବେ।

# ଓଡ଼ିଶୀ ନୃତ୍ୟକୁ ମୁଁ ଭଲ ପାଏ: ଉଗ୍ରସେନ ବଳ



ଓଡିଶାର କଳା ସାହିତ୍ୟ ସଂସ୍କୃତି କୁ ଭଲ ପାଇ ଯେଉଁ ବ୍ୟକ୍ତି ଜଣକ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି ସେ ହେଉଛନ୍ତି ଆମ ସମସ୍ତ ଙ୍କ ପ୍ରିୟ ମଣିଷ ଉଗ୍ରସେନ ବଳ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଜୟକୃଷ୍ଣପୁର ଗ୍ରାମରେ ସେ ୧୯୯୧ ମସିହାରେ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତା ପ୍ରହଲ୍ଲାଦ ବଳ ଓ ମାତା ପଦ୍ମାବତୀ ବଳ । ପତ୍ନୀ ଲଳିତା ରାଉତ ଓ କନ୍ୟା ସାଇନା ବଳ ଙ୍କୁ ନେଇ ତାଙ୍କ ସୁଖ ଦୁଃଖର ସଂସାର ରଥ ଆଗକୁ ଗଡି ଚାଲିଛି । ଗ୍ରାମାଞ୍ଚଳ ରେ ଜାଇ ଯିବ ଶାଶୁ ଘର, ଗାଁ କୁ ଫେରିଛି କାଳିଆ ପଣ୍ଡା , ନାଟକ ରେ ସେ ଅଭିନୟ କରି ସଫଳତା ପାଇଛନ୍ତି । ଅଭିନୟ ବ୍ୟତୀତ ସେ ସମାଜ ସେବାରେ ଓ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷା କରିବାରେ ଅଧିକ ଆନନ୍ଦ ପାଇଛନ୍ତି । ଭଗବାନ ସତ୍ୟ ସାଇ ବାବା ଙ୍କ ଆଶୀର୍ବାଦ ରୁ ସେ ସତ୍ୟ ସାଇ ସେବା ସଂଗଠନର ୟୁଥ୍ କୋଡ଼ି ନେଟର ଭାବେ କାର୍ଯ୍ୟ କରୁଛନ୍ତି । ଓଡିଶୀ ନୃତ୍ୟ କୁ ସେ ଅଧିକ ଭଲ ପାଆନ୍ତି ବୋଲି ପ୍ରକାଶ କରିଛନ୍ତି । ସାହିତ୍ୟ ଜଗତରେ ସେ ଗପ, କବିତା ଲେଖନ୍ତି ଓ ଉଚ୍ଚ ପ୍ରଶଂସିତ ହୋଇ ଛନ୍ତି । ଯାତ୍ରା, ସିନେମା, କଳା, ସାହିତ୍ୟ ସଂସ୍କୃତି କୁ ସେ ଖୁବ୍ ଭଲ ପାଆନ୍ତି । ହସ ହସ ମୁହଁ ଓ ମିଠା ମିଠା କଥା କହି ସେ ସମସ୍ତ ଙ୍କୁ ଅତି ଆପଣାର କରି ନିଅନ୍ତି । ଏହି ସୁନ୍ଦର ହୃଦୟର ମଣିଷ ଉଗ୍ରସେନ ବଳ ଜ୍ଞାନ, ଚରିତ୍ର, ଏକତା,ସତ୍ୟ, ଶାନ୍ତି ଓ ଅହିଂସା କୁ ନେଇ ବାଟ ଚାଲନ୍ତି । ଈଶ୍ୱର ଙ୍କ କୃପାରୁ ଶ୍ରୀ ବଳଙ୍କ ଭବିଷ୍ୟତର ଚଲାପଥ ରେ ପୁଷ୍ପ ବୃଷ୍ଟି ହେଉ ।


**ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି**
ସମ୍ପାଦକ ରଙ୍ଗରାଗ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ ୯୯୩୭୯୭୬୩୫୧

# ୫.୨୫ ଲକ୍ଷ ଯୁକ୍ତ୨ ସିଟ୍‌ରେ ନାମଲେଖା: ଜୁନ୍ ୭ରୁ ଜୁଲାଇ ୭ ଯାଏଁ ଆବେଦନ

ଭୁବନେଶ୍ୱର, ୬/୬ (ନି.ପ୍ର): ୨୦୨୪-୨୫ ଶିକ୍ଷାବର୍ଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ଯୁକ୍ତ୨ କଲେଜର ପ୍ରଥମ ବର୍ଷ(ଏକାଦଶ ଶ୍ରେଣୀ)ରେ ନାମଲେଖା ପ୍ରକ୍ରିୟା ଶୁକ୍ରବାରରୁ ଆରମ୍ଭ ହେଉଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଅଧୀନ ବିଦ୍ୟାଳୟର କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମଲେଖା ହେବ। ଆଗ୍ରହୀ ଛାତ୍ରଛାତ୍ରୀ ଜୁଲାଇ ୬ ସୁଦ୍ଧା ନାମ ପଞ୍ଜୀକରଣ କରିପାରିବେ ଏବଂ ଜୁଲାଇ ୧୮ ପୂର୍ବାହ୍ନ ୧୧ଟା ୪୫ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନାମଲେଖା ଜୁଲାଇ ୧୯ରୁ ୨୩ ମଧ୍ୟରେ ଅନୁଷ୍ଠିତ ହେବ। ଅଗଷ୍ଟ ୧ରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ ଏବଂ ୨ରୁ ୬ ତାରିଖ ମଧ୍ୟରେ ଛାତ୍ରଛାତ୍ରୀ ରିପୋର୍ଟିଂ କରିବେ। ସ୍ପଟ୍ ନାମଲେଖା ପାଇଁ ଅଗଷ୍ଟ ୭ ଓ ୮ରେ ଛାତ୍ରଛାତ୍ରୀଙ୍କ ପାଇଁ ଚଏସ୍ ଲକିଂ ସୁବିଧା ଉପଲବ୍ଧ କରାଯିବ। ଅଗଷ୍ଟ ୧୪ରେ ସ୍ପଟ୍ ସିଲେକ୍ସନ ତାଲିକା ପ୍ରକାଶ ପାଇବ। ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନାମଲେଖା ଅଗଷ୍ଟ ୧୪ରୁ ୧୬ ମଧ୍ୟରେ ଅନୁଷ୍ଠିତ ହେବ। ତେବେ ନାମଲେଖା ପ୍ରକ୍ରିୟା ସରିବା ପୂର୍ବରୁ ଅଗଷ୍ଟ ୧ରୁ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଏଥର କେବଳ ଅନ୍‌ଲାଇନ୍ ମାଧ୍ୟମରେ ନାମଲେଖା ଅନୁଷ୍ଠିତ ହେବ। ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟର ୨୧୨୧ ଯୁକ୍ତ୨ କଲେଜର ୫ଲକ୍ଷ ୨୫ ହଜାର ୪୬୫ ସିଟ୍‌ରେ ନାମଲେଖା ହେବ। କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୯୪ ହଜାର ୮୪୦ ସିଟ୍‌ରେ ନାମଲେଖା ହେବାକୁ ଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୬୬ହଜାର ୯୨୯, ବାଣିଜ୍ୟରେ ୪୦ହଜାର ୧୦୪, ସଂସ୍କୃତରେ ୧୩ହଜାର ୮୮ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦ ହଜାର ୫୦୪ ସିଟ୍‌ରେ ନାମଲେଖା କରିବାକୁ ନିଷ୍ପତ୍ତି ନିଆଯାଇଛି। ଗତ ଦୁଇବର୍ଷ ହେଲା ଲକ୍ଷାଧିକ ସିଟ୍ ଖାଲି ପଡୁଥିବାରୁ ସେଥିପ୍ରତି ମଧ୍ୟ ଗୁରୁତ୍ୱ ଦିଆଯାଇଛି।

# ବିକାଶ ସାମୁଖ୍ୟ ଓ ଡ୍ରାଇଭର ସଂଘ ତରଫରୁ ନବ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କୁ ଅଭିନନ୍ଦନ

କେନ୍ଦ୍ରାପଡ଼ା, ୬/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମୁଖ୍ୟ ତରଫରୁ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ସାଂସଦ ବୈଜୟନ୍ତ ପଣ୍ଡା, ବିଧାୟକ ଗଣେଶ୍ୱର ବେହେରା, ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଅରବିନ୍ଦ ମହାପାତ୍ର, ଧୃବ ଚରଣ ସାହୁ ପ୍ରମୁଖଙ୍କୁ ଜିଲ୍ଲା ବିକାଶ ସାମୁଖ୍ୟ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସଂପାଦକ ଅଧ୍ୟାପକ ଅଜୟ ସାମଲ, ସଭାପତି ଡ଼ଃ ଅଲେକ ଚନ୍ଦ୍ର ପଢୀଆରୀ, ଉପଦେଷ୍ଟା ଅଧ୍ୟାପକ ନନ୍ଦ କିଶୋର ପରିଡା, ଡ଼ଃଲ ଉପେନ୍ଦ୍ରନାଥ ପ୍ରଧାନ, ବୈଷ୍ଣବ ଚରଣ ସ୍ୱାଇଁ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି । ଏହା ସହ ଓଡିଶା ଡ୍ରାଇଭର ମହାସଂଘ କେନ୍ଦ୍ରାପଡା ଶାଖା ତରଫରୁ ନବ ନିର୍ବାଚିତ ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଡ୍ରାଇଭର ମହା ସଂଘର ଏକ ପ୍ରତିନିଧି ମଣ୍ଡଳୀ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ଉପ ସଭାପତି ମହମ୍ମଦ ଅଜମଲ, ସଂପାଦକ ରଞ୍ଜନ ମହାନ୍ତି, ସହ ସଂପାଦକ ଶିଶିର ମହାନ୍ତି, କୋଷାଧ୍ୟକ୍ଷ ରାମପଦ ଜେନା, ଉପଦେଷ୍ଟା ସୁଜନ ରାଉତ, ମାର୍ଶାଘାଇ ବ୍ଲକ ସଭାପତି ଅମର କୁମାର ନାୟକ ପ୍ରମୁଖ ଶ୍ରୀ ପଣ୍ଡାଙ୍କୁ ଭେଟି ଡ୍ରାଇଭର ମହାସଂଘ ତରଫରୁ ପୁଷ୍ପଗୁଚ୍ଛ, ଉତରୀୟ, ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇ ଥିଲେ ।

# ମଠକରଗୋଳା ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ

ଭୁବନ, ୬/୬ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟ ରେ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ବରିଷ୍ଠ ଅଧ୍ୟାପକ ପ୍ରଫେସର ଅଜୟ କୁମାର ଦାସ ଉଦଘାଟନ କରି ବିଶ୍ୱ ପରିବେଶ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ କୁ ରୋକିବାକୁ ହେଲେ ବୃକ୍ଷ ରୋପଣ ହିଁ ଏକମାତ୍ର ବିକଳ୍ପ ତଥା ପନ୍ଥା ବୋଲି ମତବ୍ୟକ୍ତ କରିଥିଲେ।ସରକାରୀ ଧନ୍ଦା ମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୂଚନା ଓ ପ୍ରଯୁକ୍ତି ବିଭାଗ ଅଧ୍ୟାପକ ପ୍ରଫେସର ରଶ୍ମି ରଞ୍ଜନ ମହାପାତ୍ର ବିଶ୍ୱ ପରିବେଶ ଦିବସ ୨୦୨୪- ଥିମ୍ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର ଜିତେନ୍ ରାଉତ, ଫକିର ମୋହନ ଲେଙ୍କା,ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଫେସର ପରେଶ୍ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପରିବେଶ ପ୍ରଦୂଷଣ ର କାରଣ ଓ ନିରାକରଣ ସମ୍ପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଅଧ୍ୟକ୍ଷ ପ୍ରଫେସର ଚିତରଞ୍ଜନ ଦାଶ ଙ୍କ ଦ୍ୱାରା ପ୍ରେରିତ ପରିବେଶ ବାର୍ତା 'ବୃକ୍ଷ ହିଁ ଦେବତା, ସେ ଆମ ଭାଗ୍ୟ ବିଧାତା' ପାଠ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ପ୍ରଦୀପ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁକୁ ପହଂଚି ପାରୁନାହିଁ ଆମ୍ବୁଲାନ୍ସ : ଏକ କି.ମି. ବୁହା ହେଲେ ରୋଗୀ

ଚମ୍ପୁଆ, ୬/୬ (ନି.ପ୍ର): ଦେଶ ସ୍ୱାଧିନତାର ୭୫ ବର୍ଷ ପରେ ମଧ ଗାଁକୁ ପଶି ପାରୁ ନାହିଁ ଆମ୍ବୁଲାନ୍ସ। ଫଳରେ ରୋଗୀ ବୁହା ହେବା ଭଳି ପରିସ୍ଥିତି ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକରେ ଏହିପରି ଘଟଣା ବାରମ୍ବାର ଘଟୁଥିଲେ ସୁଦ୍ଧା ପ୍ରଶାସନର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁ ନଥିବାବେଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ପଡୁଆ ଗ୍ରାମ ପଂଚାୟତ ଅନ୍ତର୍ଗତ ନିଶାଗଡ଼ିଆ ଗୋଡ଼ା ସାହିରେ। ଗ୍ରାମର ବିମଳ ନାଏକ(୩୫) ଗତ ରାତି ୩ଟା ବେଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ୧୦୮କୁ ଫୋନ କରି ଜଣେଇବା ପରେ ଆମ୍ବୁଲାନ୍ସ ଆସିଲା ସିନା ହେଲେ ରାସ୍ତା ନଥିବାରୁ ଘର ପାଖକୁ ପହଂଚି ପାରିଲା ନାହିଁ। ଯାହା ଫଳରେ ଘରୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପ୍ରାୟ ଦୀର୍ଘ ଏକ କିଲୋମିଟର ରାସ୍ତା ରୋଗୀଙ୍କୁ ବୁହା ହୋଇ ଆମ୍ବୁଲାନ୍ସ ପାଖକୁ ଅଣାଯାଇ ଚିକିତ୍ସା ନିମନ୍ତେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିବା ଜଣା ପଡିଛି। ସୂଚନା ଯୋଗ୍ୟ କି, ଗତ ବର୍ଷ ମଧ ଏହି ସାହିର ଲମ୍ବୁ ମୁଣ୍ଡାଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଥିଲେ ମଧ ଏପର୍ଯ୍ୟନ୍ତ ଗ୍ରାମର ଦୁର୍ଦ୍ଦଶା ଯଥା ପୂର୍ବଂ ତଥା ପରଂ ରହି ଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି।

# ନରେନ୍ଦ୍ର ବାଣ ବିସ୍ଫୋରଣର ଏସ୍‌ଆରସିଙ୍କ ତଦନ୍ତ: ଦୁଃଖ ଜଣାଇଲେ ମୃତକଙ୍କ ପରିବାର



ପୁରୀ, ୬/୬ (ନି.ପ୍ର): ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିସନର (ଏସ୍‌ଆରସି)ଙ୍କ ପକ୍ଷରୁ ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିସନର ସତ୍ୟବ୍ରତ ସାହୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଆଜି ୨୦ରୁ ଅଧିକ ଅଭିଯୋଗକାରୀ ଶ୍ରୀ ସାହୁଙ୍କ ସମ୍ମୁଖରେ ଅଭିଯୋଗ ରଖିଛନ୍ତି। ମୃତକ ଓ ଗୁରୁତରଙ୍କ ପରିବାର ଲୋକଙ୍କ ସମେତ ବୁଦ୍ଧିଜୀବୀମାନେ ଏହି ତଦନ୍ତ ବେଳେ ଉପସ୍ଥିତ ଥିଲେ। ଭଉଁରି ବେଳେ ନରେନ୍ଦ୍ର ପୁଷ୍କରିଣୀ ସୁରକ୍ଷା ଅବହେଳା ବ୍ୟବସ୍ଥା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟାବସ୍ଥା ଆଦି ଉପରେ ସେମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୃତକଙ୍କ ପରିବାରକୁ ଚାକିରି, ଅଧିକ ଆର୍ଥିକ ସହାୟତା, ପିଲାମାନଙ୍କ ପାଠପଢ଼ା ବ୍ୟବସ୍ଥା କରାଇବାକୁ ନିବେଦନ କରିଛନ୍ତି। ଅଭିଯୋଗ ବେଳେ ମୃତକ ଓ ଗୁରୁତରଙ୍କ ପରିବାର ଲୋକେ କାନ୍ଦି ପକାଇଥିବାର ଦେଖିବାକୁ ମିଳିଥିଲା। ଆଜି ସମୟ ଅବଧି ଭିତରେ ଅଭିଯୋଗ ଶୁଣିବା ସମ୍ଭବପର ନ ହେବାରୁ ଆସନ୍ତା ୭ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ଜିଲ୍ଲା ପ୍ରଶାସନ ସ୍ପଷ୍ଟ କରିଛି। ଆଜି ଅପରାହ୍ଣ ୩ଟାରେ ପୁରୀ ସର୍କିଟ୍ ହାଉସ୍‌ଠାରେ ସ୍ୱତନ୍ତ୍ର ରିଲିଫ୍ କମିସନର ଶ୍ରୀ ସାହୁ ବାଣ ବିସ୍ଫୋରଣ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ, କୁମ୍ଭାରପଡ଼ା ଥାନା ଅଧିକାରୀ, ଅଗ୍ନିଶମ ଅଧିକାରୀ ଓ ଅନ୍ୟ ସଂପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ମୃତକ ଓ ଚିକିତ୍ସାଧୀନ ବ୍ୟକ୍ତିଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ଭଉଁରି ବେଳେ ଯେଉଁଭଳି ସ୍ଥିତିରେ ଜନଗହଳିପୂର୍ଣ୍ଣ ସ୍ଥାନରେ ବାଣ ଫୁଟାଇବାକୁ ଅନୁମତି ଦିଆଗଲା, ତାହା ସଂପୂର୍ଣ୍ଣ ବେଆଇନ। କେହି ବାଣ ଯାଞ୍ଚ କଲେନି। ଅନୁମତି ନ ଥାଇ ବି ବାଣ ଫୁଟିଲା। ସୁରକ୍ଷାରେ ଅବହେଳା କାରଣରୁ ଆଜି ଏତେ ଜୀବନ ଚାଲିଗଲା। ଆହୁରି ଅନେକ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ସେପଟେ ଯେଉଁମାନେ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗଲେ, ସେଠାରେ ଆବଶ୍ୟକ ଚିକିତ୍ସା ସୁବିଧା ମିଳିଲାନି। ଡାକ୍ତର ନ ଥିଲେ ବି କି ଆମ୍ବୁଲାନ୍ସ ନ ଥିଲା। ଷ୍ଟ୍ରେଚରରେ ନିଜେ ପରିବାର ଲୋକେ ଆତ୍ମୀୟଙ୍କୁ ବୋହିଲେ। ଚିକିତ୍ସାରେ ବହୁ ବିଳମ୍ବ ବି ଗୁରୁତରଙ୍କ ଅବସ୍ଥା ସଂକଟାପନ୍ନ କରିଦେଲା। ଏଣୁ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକ ଡାକ୍ତର ନିଯୁକ୍ତି ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବାକୁ ଦାବି ହୋଇଛି। ମୃତ ଓ ଗୁରୁତରଙ୍କ ପରିବାରକୁ ରୋଜଗାର ଓ ଅଧିକ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ସୂଚନାଯୋଗ୍ୟ ଗତ ୨୯ ତାରିଖ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାରେ ମୃତକଙ୍କ ସଂଖ୍ୟାରେ ଆଉ ଦୁଇ ଜଣଙ୍କ ନାମ ଯୋଡ଼ି ହୋଇଯାଇଛି। ଫଳରେ ଏହି ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୧୫ରେ ପହଞ୍ଚିଛି। ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଜି ଆଉ ଜଣଙ୍କର ମୃତ୍ୟୁ ହୋଇଛି। ଆଜି ଖଣ୍ଡିଆବନ୍ଧର ଦେବଦତ୍ତ ସ୍ୱାଇଁ(୩୫)ଙ୍କର ମୃତ୍ୟୁ ଖବର ଆସିଛି। ତାଙ୍କର ଦୁଇ ବର୍ଷର ପୁଅ ପ୍ରିୟାଂଶୁ ରାଜ ସ୍ୱାଇଁ(୨)ର ବାଣ ବିସ୍ଫୋରଣ ଘଟିବା ଦିନ ହିଁ ପ୍ରାଣହାନୀ ଘଟିଥିଲା। ସେହିପରି ଗତକାଲି ସେହି ଖଣ୍ଡିଆବନ୍ଧର ରାକେଶ ପ୍ରଧାନ (୨୩)ଙ୍କର ମୃତ୍ୟୁ ହୋଇଥିବା ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ କହିଛନ୍ତି। ପୁରୀ ସମେତ କଟକ ଓ ଭୁବନେଶ୍ୱରରେ ଏହି ଦୁର୍ଘଟଣାରେ ଆହତମାନଙ୍କ ଚିକିତ୍ସା ଜାରି ରହିଛି।

# ମରଣାନ୍ତକ ଆକ୍ରମଣ ମାମଲାରେ ମୁଖ୍ୟ ଅଭିଯୁକ୍ତକୁ ୩ ବର୍ଷ ଜେଲ

ଚମ୍ପୁଆ, ୬/୬ (ନି.ପ୍ର): ସାମାନ୍ୟ କଳି ଝଗଡାକୁ କେନ୍ଦ୍ର କରି ଦୁଇ ଜଣ ସହଯୋଗୀଙ୍କ ସହାୟତାରେ ଏକ କଟୁରୀ ରେ ମାରଣାନ୍ତକ ଆକ୍ରମଣ କରିବା ମାମଲାର ବିଚାର କରି ଚମ୍ପୁଆ ଏସଡିଜେଏମ ଆସାମୀକୁ ୩ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ତାର ଦୁଇ ସହଯୋଗୀକୁ ଏକ ବର୍ଷ ଲେଖାଏଁ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହିତ ମୁଖ୍ୟ ଅଭିଯୁକ୍ତ କୁ ୩ ହଜାର ଓ ସମର୍ଥକ କୁ ଏକ ହଜାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଘଟଣା ଅନୁସାରେ, ଝୁମ୍ପୁରା ଥାନା ଅନ୍ତର୍ଗତ ବାରଖଣ୍ଡିଆ ଗ୍ରାମର ଟୁନି ବେଣ୍ଟକାର ସହିତ ସେହି ଗ୍ରାମର ମମତା ନାଏକ ଓ ସୁରେନ୍ଦ୍ର ନାଏକଙ୍କ ଝଗଡା ହୋଇଥିଲା। ଗତ ତା ୧୭-୦୩-୨୦୧୮ ରିଖ ସନ୍ଧ୍ୟା ୬.୧୫ ମିନିଟ ସମୟରେ ସାଧାରଣ କଥାକୁ ନେଇ ହୋଇ ଥିବା କଳି ଝଗଡାରେ ଉତକ୍ଷିପ୍ତ ହୋଇ ଦୁଇ ଜଣ ସହଯୋଗୀଙ୍କ ସହାୟତାରେ ଏକ ଧାରୁଆ କଟୁରୀରେ ଆକ୍ରମଣ କରିଥିଲା ଟୁନି ବେଣ୍ଟକାର। ଯାହାକୁ ନେଇ ମମତା ନାଏକ ଓ ସୁରେନ୍ଦ୍ର ନାଏକ ଝୁମ୍ପୁରା ଥାନାର ଦ୍ୱାରସ୍ଥ ହୋଇ ଥିଲେ। ଅଭିଯୋଗ ପାଇ ଝୁମ୍ପୁରା ପୋଲିସ କେଶ ନଂ ୨୩/୦୨-୧୮/୦୩/୧୮ ଦଫା ୩୪୧, ୩୨୪, ୨୯୪, ୩୪ ଅନୁଯାୟୀ ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ଘଟଣାରେ ୭ ଜଣ ସାକ୍ଷୀଙ୍କ ବୟାନ କୁ ଭିତ୍ତି କରି ଚମ୍ପୁଆ ମାନ୍ୟବର ଏସଡିଜେଏମ ଦୀପକ କୁମାର ସାଥୁଆ ଅଭଯୁକ୍ତ ଟୁନି ବେଣ୍ଟକାର କୁ ୩ ବର୍ଷ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହିତ ଆସାମୀଙ୍କ ଦୁଇଜଣ ସହଯୋଗୀଙ୍କୁ ୧ ବର୍ଷ କାରାଦଣ୍ଡ ସହିତ ୧ ହଜାର ଟଙ୍କା ଅର୍ଥ ଦଣ୍ଡାଦେଶ କରିଛନ୍ତି। ଅନାଦେୟ ମୁଖ୍ୟ ଆସାମୀଙ୍କୁ ଅଧିକ ୩ ମାସ ଓ ସହଯୋଗୀ ୨ ଜଣଙ୍କୁ ଅଧିକ ୧ ମାସ କାରାଦଣ୍ଡ ରେ ଦଣ୍ଡିତ କରିଥିବା ଜଣାପଡିଛି। ଏହି ମାମଲା କୁ ସରକାରୀ ଓକିଲ କିଶୋର କିଷାନ ପରିଚାଳନା କରିଥିଲେ।

## ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଶୀର୍ଷକ ଇ-ପାଠଚକ୍ର ଆୟୋଜିତ

ମାଲକାନଗିରି, ୬/୬ (ନି.ପ୍ର): ଗତକାଲି ସନ୍ଧ୍ୟାରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ, ବିଚାରଧାରା, ମାଲକାନଗିରି ଜିଲ୍ଲା ଶାଖା ମାଲ୍ୟବନ୍ତର ମହକ ଦ୍ୱାରା ଏକ ଇ- ପାଠଚକ୍ର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପାଠଚକ୍ରରେ ମାଲକାନଗିରି ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ବିଭାଗମୁଖ୍ୟ ତଥା ଆସିଷ୍ଟାଂଟ ପ୍ରଫେସର୍ ଡକ୍ଟର ଚିନ୍ମୟ କୁମାର ବେହେରା ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଶୀର୍ଷକ ବିଷୟବସ୍ତୁ ସଂପର୍କରେ କହିଥିଲେ । ଅନୁଷ୍ଠାନର ଜିଲ୍ଲା ଅଧକ୍ଷା ଶ୍ରୀମତୀ ଆ ଭାରାଣୀ ବିଶ୍ୱାଳ ଏହି ପାଠଚକ୍ରକୁ ସଂଯୋଜନା କରିଥିବା ବେଳେ ରବୀନ୍ଦ୍ର କୁମାର ବାହିନୀପତି କାର୍ଯ୍ୟକ୍ରମ ପ୍ରାରମ୍ଭରେ ମନ୍ତ୍ରପାଠ କରିଥିଲେ। ଅନୁଷ୍ଠାନର ଆଜୀବନ ସଦସ୍ୟା ତଥା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସାଧନାରାଣୀ ମଣ୍ଡଳ ବିବେକବାଣୀ ପାଠ କରିଥିଲା ବେଳେ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନଲାଇନ ଆୟୋଜିତ ଏହି ପାଠଚକ୍ରରେ ଅଂଶ ଗ୍ରହଣକାରୀ ଅନେକ ସଂଖ୍ୟାରେ ଯୋଗ ଦେଇ ଆଲୋଚକଙ୍କୁ ତଥା ବକ୍ତାଙ୍କୁ ନାନା ପ୍ରଶ୍ନ ପଚାରି ଉତ୍ତର ଜିଜ୍ଞାସା କରିଥିଲେ ଏବଂ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟରେ ସାଂସଦ ସଙ୍ଗୀତା: ପୁଣିଥରେ ନିର୍ବାଚିତ କରିଥିବାରୁ କୃତଜ୍ଞତା ଜଣାଇଲେ

ବଲାଙ୍ଗିର, ୬/୬ (ନି.ପ୍ର): ବିପୁଳ ଭୋଟରେ ବିଜୟୀ ହେବା ପରେ ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂହଦେଓ ଆଜି ବଲାଙ୍ଗିର ଜିଲ୍ଲାପାଳଙ୍କ ପାଖରୁ ନିଜ ବିଜୟ ପ୍ରମାଣପତ୍ର ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚିଛନ୍ତି । ଏହି ଅବସରରେ ସେ ବଲାଙ୍ଗିରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କ ଉପରେ ଭରସା ରଖି ପୁଣି ଥରେ ନିର୍ବାଚନରେ ଲଢ଼ିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ ଅନ୍ୟ ଜାତୀୟ ସ୍ତରର ବିଜେପି ନେତୃବର୍ଗଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି । ଏଥିସହିତ ବଲାଙ୍ଗିରର ବିଜେପି ନେତା ଓ କର୍ମକର୍ତ୍ତା ମାନଙ୍କୁ ମଧ ସେ କୃତଜ୍ଞତା ଜଣାଇଛନ୍ତି । ଦୀର୍ଘ ୩୫ ବର୍ଷ ପରେ ଓଡ଼ିଶାରେ ନିଜ ଶକ୍ତିରେ ବିଜେପି ସରକାର ଗଠନ କରିବାକୁ ଯାଉଥିବାରୁ ଆମେ ଖୁବ୍ ଗର୍ବିତ ବୋଲି କହିଛନ୍ତି ସାଂସଦ ସଂଗୀତା । କଂଟାବାଂଜିରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ପରାଜିତ କରିବାରେ ସଫଳ ହୋଇଛି ବିଜେପି, ଏଥିରୁ ଓଡ଼ିଶାର ଜନାଦେଶକୁ ଅନୁମାନ କରାଯାଇପାରେ ବୋଲି ସେ ଦୃଢ଼ତାର ସହିତ କହିଛନ୍ତି । ବିଜେପି ସରକାର ଦ୍ୱାରା ଚାଲିଥିବା ରାଜ୍ୟର ବିକାଶ ଧାରାରେ ଏବେ ଓଡ଼ିଶା ସାମିଲ ହେବ ଏବଂ ବିଶେଷ କରି ପଶ୍ଚିମ ଓଡ଼ିଶାର ବିକାଶ ଦିଗରେ ଆମେ ବିଶେଷ ଯତ୍ନବାନ ହେବୁ ବୋଲି ମତ ରଖିଛନ୍ତି ସାଂସଦ ସଂଗୀତା ।

# ନିଟ୍ ପରୀକ୍ଷାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା ବଲାଙ୍ଗୀରର ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ସଫଳତା

ବଲାଙ୍ଗୀର, ୬/୬ (ନି.ପ୍ର): ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଥରଚେପା, ବଲାଙ୍ଗୀରର ଛାତ୍ରଛାତ୍ରୀମାନେ ଏ ବର୍ଷର ନିଟ୍ ପରୀକ୍ଷାରେ ବହୁତ ବଡ଼ ସଫଳତା ହାସଲ କରି ଅଂଚଳକୁ ଗୌରବ ଆଣିଛନ୍ତି। ଏହି ସଫଳତା ତାଙ୍କର ଦୃଢ଼ ସଂକଳ୍ପ ଓ କଠୋର ପରିଶ୍ରମ, ଅଧ୍ୟକ୍ଷ ଏବଂ ଶିକ୍ଷକମାନଙ୍କର ସହାୟତା ଓ ପ୍ରେରଣାର ଫଳ। ଏହି ପରୀକ୍ଷାରେ ବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ମାର୍କ ହାସଲ କରିଛନ୍ତି, ନିଶାରାଣୀ ସା ୬୭୨, ପ୍ରତିମୟୀ ସାହୁ ୬୬୨, ବାସନ୍ତି ମେହେର ୬୪୭, ରାହୁଲ କୁମାର ସାହୁ ୬୧୫, ଅନୁକୂଳ ଓମ ଜଗନ୍ନାଥ ଯୋଶୀ ୬୧୪, ପ୍ରିତି ପରିଣିତା ପଟେଲ ୬୧୨, ଜଲି କୁମାର ୫୮୮, ଆରେଶ୍ମା ସାହୁ ୫୫୪, ମିଲି ମେହେର ୫୫୩, ତପସ୍ୱିନୀ ବାଗ ୫୫୨, ସୁଭନକର ନନ୍ଦ ୫୨୮, ଜ୍ୟୋତିର୍ମୟୀ ନେଗି ୫୨୭, ସୌମ୍ୟ ରଞ୍ଜନ ଭୋଇ ୫୨୩, ଆୟେଶା ନନ୍ଦ ୫୧୧ ,ଆଲୋକ ଖମାରୀ ୫୧୧ । ଏହି ସଫଳତା ପରେ ବିଦ୍ୟାଳୟର ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର କହିଛନ୍ତି , 'ଏହି ସଫଳତା ଆମପାଇଁ ବିଶେଷ ଗର୍ବର ବିଷୟ ଏବଂ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କରିବାରେ ଆମେ ନିରନ୍ତର ପ୍ରତିବଦ୍ଧ। ଛାତ୍ରଛାତ୍ରୀମାନଙ୍କ ପରିଶ୍ରମ ଓ ନିବିଡ଼ ଅଧ୍ୟୟନର ଫଳରେ ଏହି ସଫଳତା ସମ୍ଭବ ହୋଇଛି।ଏହା ବିଦ୍ୟାଳୟ ପାଇଁ ଗର୍ବର ବିଷୟ ଏବଂ ସବୁ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଇଁ ପ୍ରେରଣା ସ୍ୱରୂପ। ଅଭିନନ୍ଦନ ସହିତ, ଭବିଷ୍ୟତରେ ଆଉ ବିଶେଷ ସଫଳତା ଆଶା କରାଯାଉଛି, ଯାହା ଆମ ଶିକ୍ଷା ବ୍ୟବସ୍ଥାର ସ୍ତରକୁ ଉନ୍ନତ କରିବା।

# ଓଡ଼ିଶାରେ ୨୦୯୮ ହାତୀ



ଭୁବନେଶ୍ୱର, ୬/୬ (ନି.ପ୍ର): ଓଡ଼ିଶାରେ ହୋଇଥିବା ହାତୀ ଗଣନା ରିପୋର୍ଟ ଆଜି ପ୍ରକାଶ ପାଇଛି। ଏବେ ଓଡ଼ିଶା ଜଙ୍ଗଲରେ ୨୦୯୮ଟି ହାତୀ ରହିଛନ୍ତି। ଅର୍ଥାତ୍ ଗତ ୭ ବର୍ଷ ମଧ୍ୟରେ ରାଜ୍ୟରେ ୧୨୨ଟି ହାତୀ ବଢ଼ିଛନ୍ତି। ଶେଷ ଥର ପାଇଁ ୨୦୧୭ରେ ହୋଇଥିବା ହାତୀ ଗଣନା ସମୟରେ ଓଡ଼ିଶାରେ ୧୯୭୬ଟି ହାତୀ ରହିଥିଲେ। ଚିହ୍ନଟ ହୋଇଥିବା ୨୦୯୮ଟି ହାତୀଙ୍କ ମଧ୍ୟରୁ ୪୭୪ଟି ଅଣ୍ଡିରା ହାତୀ ରହିଥିବା ବେଳେ ୧୦୩୦ଟି ମାଈ ହାତୀ ରହିଛନ୍ତି। ୫୯୪ଟି ହାତୀ ଛୁଆ ରହିଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଅନୁଗୁଳ, ଆଠଗଡ଼, ଢେଙ୍କାନାଳ, ବାରିପଦା, ଚନ୍ଦକା, ଖୋର୍ଦ୍ଧା, ବଣାଇ ଓ କେନ୍ଦୁଝର ଡିଭିଜନ୍‌ରେ ଆଖିଦୃଶିଆ ଭାବେ ହାତୀଙ୍କ ସଂଖ୍ୟା ବୃଦ୍ଧି ହୋଇଛି। ଅନୁଗୁଳ ସର୍କଲରେ ଏବେ ସର୍ବାଧିକ ୭୭୯ଟି ହାତୀ ରହିଛନ୍ତି। ଯେତେବେଳେ କି ବାରିପଦାରେ ୪୩୧ ଓ ରାଉରକେଲା ସର୍କଲରେ ୩୧୧ଟି ହାତୀ ଅଛନ୍ତି। ଶିମିଳିପାଳ ଉତ୍ତର, ଶିମିଳିପାଳ ଦକ୍ଷିଣ, ବାଲେଶ୍ୱର, ରାଇରଙ୍ଗପୁର, ବଲାଙ୍ଗୀର, ପାରଳାଖେମୁଣ୍ଡି ସମେତ ଆଉ କିଛି ଡିଭିଜନ୍‌ରେ ହାତୀଙ୍କ ସଂଖ୍ୟା ହ୍ରାସ ପାଇଛି। ଅନୁଗୁଳ, ରାଉରକେଲା ଓ ବାରିପଦା ସର୍କଲରେ ହାତୀମାନେ ଅଧିକ ଚଳପ୍ରଚଳ କରୁଥିବା ନଜରକୁ ଆସିଛି। ଦକ୍ଷିଣ ମହାନଦୀ ତୁଳନାରେ ଉତ୍ତର ମହାନଦୀ ଅଞ୍ଚଳରେ ହାତୀଙ୍କ ଚଳପ୍ରଚଳ ଅଧିକ ରହିଛି। ୨୦୧୭ରେ ଅଣ୍ଡିରା ହାତୀଙ୍କ ସଂଖ୍ୟା ୩୪୪, ମାଈ ହାତୀଙ୍କ ସଂଖ୍ୟା ୧୦୩୦ ଏବଂ ହାତୀଛୁଆ ସଂଖ୍ୟା ୫୯୪ ରହିଥିଲା। ପୂର୍ବଥର ଅପେକ୍ଷା ଏଥର ଅଣ୍ଡିରା ହାତୀ ସଂଖ୍ୟା ବୃଦ୍ଧି ପାଇଛି। ଛୁଆ ହାତୀଙ୍କ ସଂଖ୍ୟା ମଧ ଗତଥର ଅପେକ୍ଷା ୯୨ଟି ବଢ଼ିଛନ୍ତି। ଗଣନା ସମୟରେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ଚଳପ୍ରଚଳ କରୁଥିବା ହାତୀଙ୍କୁ ଏହି ଗଣନାରେ ସାମିଲ କରାଯାଇଥିଲା। ୩ଟି ହାତୀ ଅଭୟାରଣ୍ୟରେ ୫୮୪ଟି ହାତୀ ରହିଥିବା ଗଣନା ସମୟରେ ଦେଖିବାକୁ ମିଳିଥିଲା, ଯାହାକି ମୋଟ ସଂଖ୍ୟାର ୨୮%। ହାତୀଙ୍କ ସଂଖ୍ୟା ବୃଦ୍ଧି ୩% ହୋଇଛି। ଗତ ୫ ବର୍ଷ ମଧ୍ୟରେ ହାତୀଙ୍କ ମୃତ୍ୟୁହାର ୩%ରୁ ୪.୫% ମଧ୍ୟରେ ରହିଛି। ଗୋଟିଏ ବର୍ଷ ମଧ୍ୟରେ ଓଡ଼ିଶା ଜଙ୍ଗଲକୁ ୨୧୦୦ରୁ ୨୨୦୦ ହାତୀ ବ୍ୟବହାର କରିଥାନ୍ତି। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ରୁ ହାତୀ ପଲ ଏଠାକୁ ଆସିଥାନ୍ତି। ଓଡ଼ିଶା ଜଙ୍ଗଲକୁ କେତେ ହାତୀ ବ୍ୟବହାର କରନ୍ତି ତାହା ଜାଣିବାକୁ ନଭେମ୍ବର ୧୪ରୁ ୧୬ ମଧ୍ୟରେ ପୁଣିଥରେ ଗଣନା କରିବାକୁ ପ୍ରସ୍ତାବ ରହିଥିବା ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ କହିଛନ୍ତି। ଶ୍ରୀ ନନ୍ଦଙ୍କ ସୂଚନା ଅନୁଯାୟୀ ରାଜ୍ୟରେ ଏବେ ହାତୀଙ୍କ ସଂଖ୍ୟା ବଢ଼ିଛି। ଓଡ଼ିଶା ଜଙ୍ଗଲରେ କ୍ଷମତା ଅନୁସାରେ ହାତୀଙ୍କ ସଂଖ୍ୟା ଠିକ୍ ରହିଛି। ତେବେ ଶୀତ ଋତୁରେ ପଡ଼ୋଶୀ ରାଜ୍ୟରୁ ହାତୀ ଆସିଥିବାରୁ ସେତେବେଳେ ରାଜ୍ୟର ହାତୀଙ୍କ ସଂଖ୍ୟା ଜାଣିବା ପାଇଁ ନଭେମ୍ବରରେ ପୁଣି ଥରେ ହାତୀ ଗଣନା କରାଯିବ। ତେବେ ଗତ ୫ ବର୍ଷରେ ବିଭିନ୍ନ କାରଣରୁ ରାଜ୍ୟରେ ୪୦୩ ହାତୀ ମରିଛନ୍ତି। ଅର୍ଥାତ୍ ବର୍ଷକୁ ମାତ୍ର ୩ରୁ ୪% ହାତୀ ମରୁଛନ୍ତି, ଯାହାକି ସ୍ୱାଭାବିକ ରହିଛି। ଗତବର୍ଷ ମାତ୍ର ୬୬ ହାତୀଙ୍କର ମୃତ୍ୟୁ ହୋଇଛି। ତେବେ ହାତୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଅନୁଗୁଳ ଓ ଢେଙ୍କାନାଳ ଅଞ୍ଚଳରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର ପାଇଁ ଯୋଜନା ହୋଇଛି। ଏହାକୁ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ। ମେ' ୨୨ରୁ ୨୪ ମଧ୍ୟରେ ରାଜ୍ୟର ୨୮ଟି ଜିଲ୍ଲାର ୪୮ଟି ବନଖଣ୍ଡରେ ହାତୀ ଗଣନା କରାଯାଇଥିଲା। ହାତୀଙ୍କ ସଂଖ୍ୟା ଅନୁଯାୟୀ ସେମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥଳୀ ରହିଛି କି ନାହିଁ ସେବିଷୟରେ ଜାଣିବା ପାଇଁ ଏହି ସର୍ଭେ ହୋଇଛି। ୧୨୧୪ଟି ମଞ୍ଚା ନିର୍ମାଣ କରାଯିବା ସହ ୧୯୦୫ଟି ୟୁନିଟ୍‌ରେ ୫୭୦୦ରୁ ଅଧିକ ଲୋକ ଏହି ଗଣତି କାର୍ଯ୍ୟରେ ସାମିଲ ହୋଇଥିଲେ। ଏହାବ୍ୟତୀତ ବନ୍ୟପ୍ରାଣୀ ପ୍ରେମୀ, ଏନ୍‌ଜିଓ, ରିସର୍ଚ୍ଚ ସ୍କଲାର, ଏକାଡେମିସିଆନ୍ ପ୍ରମୁଖ ଭାଗ ନେଇଥିଲେ। ଗଣନା ପୂର୍ବରୁ ରାଜ୍ୟ, ସର୍କଲ, ଡିଭିଜନ୍ ଓ ରେଞ୍ଜ ସ୍ତରରେ ସେମାନଙ୍କୁ ତାଲିମ ଦିଆଯାଇଥିଲା। ଡିଭିଜନ୍ ଓ ସର୍କଲ ସ୍ତରରେ ଏସିଏଫ୍‌କୁ ନୋଡାଲ ଅଧିକାରୀମାନେ ନିୟୋଜିତ କରାଯାଇ ସେମାନଙ୍କୁ ଗଣନା କାର୍ଯ୍ୟର ତଦାରଖ ଦାୟିତ୍ୱ ଦିଆଯାଇଥିଲା।

## 'ଶୋଭା' ତରଫରୁ ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ



ଉଦଳା , ୬/୬ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ କପ୍ତିପଦା, ଉଦଳା ଓ ଶ୍ୟାମାଖୁଂଟା ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ବୃକ୍ଷରୋପଣ, ଆଲୋଚନାଚକ୍ର ଓ ଶୋଭାଯାତ୍ରାର ପର୍ବ ଅନୁଷ୍ଠିତ ହୋଇଥିଲା । ରିଲାଏନ୍ସ ଫାଉଣ୍ଡେସନ ଓ ନାବାର୍ଡ଼ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗର ହାତ ବଢ଼ାଇଥିଲେ । କପ୍ତିପଦା ଠାରେ ଜଙ୍ଗଲ ବିଭାଗର କର୍ମଚାରୀ ସସ୍ମିତା ଦଳେଇ ଓ ନାବାର୍ଡ଼ ଅଧିକାରୀ ବୈଦ୍ୟନାଥ ସିଂ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଉଦଳାରେ କୃଷି ବିଭାଗର ଅଧିକାରୀ ଦେବସ୍ମିତା ଗିରି ଓ ଶ୍ୟାମାଖୁଂଟା ଠାରେ କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ସଂଘମିତ୍ରା ପଟ୍ଟନାୟକ ଅତିଥି ଭାବରେ ଯୋଗ ଦେଇ ବିଶ୍ୱ ପରିବେଶ ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଶୋଭାର ସଂପାଦକ ରଂଜନ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଏହାକୁ ସଫଳ କରିବାରେ ସୁକାନ୍ତ, ବିବେକ, ମାନସି ପ୍ରମୁଖ ସହଯୋଗ କରିଥିଲେ ।

## ଶିକ୍ଷା ବିଭାଗ କର୍ମଚାରୀଙ୍କୁ ପଦନ୍ନୋତି ଦେବା ପାଇଁ ଅନୁରୋଧ ପତ୍ର

ଜୟପୁର, ୬/୬ (ନି.ପ୍ର): ଦୀର୍ଘ ଦିନ ଧରି ଶିକ୍ଷା ବିଭାଗର ଖାଲି ପଡିଥିବା ଶିକ୍ଷକ, ସହାୟକ ଓ ବିଭାଗୀୟ ଅଧିକାରୀ ପଦବୀର ପଦନ୍ନତି ଦେବା ନିମନ୍ତେ ଶଶୀ ଭୂଷଣ ଦାଶ ଉପ ସଭାପତି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ଓଡ଼ିଶା ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କୁ ଏକ ପତ୍ର ଲେଖିଛନ୍ତି। ସେ ପତ୍ର ମାଧ୍ୟମରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଯଥା ଦୀର୍ଘ ଦିନ ଧରି ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କର ପଦନ୍ନୋତି ହୋଇନାହିଁ। ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନେ ତୃତୀୟ ଶ୍ରେଣୀ କନିଷ୍ଠ ସହାୟକ ହେବା ନିମନ୍ତେ ଯୋଗ୍ୟ ଅଛନ୍ତି, ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ପଦନ୍ନତି ଦୀର୍ଘ ଦିନ ଧରି ବନ୍ଦ ରହିଛି ସେମାନେ ପଦନ୍ନୋତି ପାଇବାରୁ ବଂଚିତ ହୋଇଛନ୍ତି। କନିଷ୍ଠ ସହାୟକରୁ ବରିଷ୍ଠ ସହାୟକ ଓ ବରିଷ୍ଠ ସହାୟକରୁ ବିଭାଗୀୟ ଅଧିକାରୀ ପଦବୀ ଖାଲି ପଡ଼ିଛି। ଅପରପକ୍ଷରେ ଯୋଗ୍ୟ ପ୍ରାର୍ଥୀ ଅଛନ୍ତି ତେଣୁ ସମସ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ପଦନ୍ନୋତି ଦେବା ନିମନ୍ତେ ଶ୍ରୀ ଦାଶ ଅନୁରୋଧ କରିଛନ୍ତି। ପରି ଶେଷରେ ଯେଉଁ ମାନେ ବିଭିନ୍ନ ସମସ୍ୟାରୁ ପୂର୍ବରୁ ପଦନ୍ନୋତି ପାଇବାରୁ ବଂଚିତ ହୋଇଛନ୍ତି ସେମାନଙ୍କୁ ଆଉ ଥରେ ପଦନ୍ନତି ନିମନ୍ତେ ସୁଯୋଗ ଦେବା ଓ ଖାଲି ପଡିଥିବା ପଦବୀକୁ ଦୃଷ୍ଟିରେ ରଖି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିଜ ନିଜର ବ୍ଲକ୍ ରେ ପଦନ୍ନତି ଦେବା ପାଇଁ ଶ୍ରୀ ଦାଶ୍ ଜିଲ୍ଲା ଶିକ୍ଷା ଅଧିକାରୀ କୋରାପୁଟଙ୍କୁ ଅନୁରୋଧ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରାତାରାତି ଲକ୍ଷ୍ମୀ ବସ୍‌ରୁ ...

ଏପରିକି ବସ୍‌ର ଆଗ ଓ ପଛ ପାର୍ଶ୍ୱରେ ମିଶନ୍ ଶକ୍ତି ଲେଖାଯାଇଥିଲା। ଲୋକମାନେ ୫ ଟଙ୍କାରେ ଗାଁରୁ ସହର ଓ ସହରରୁ ଗାଁକୁ ଯାତ୍ରା କରୁଥିଲେ। ନିର୍ବାଚନ ପୂର୍ବରୁ ଏହି ବସ୍ ଚଲାଇ ବିଜେଡି ସରକାର ଭୋଟ୍ ଗୋଟାଇବାକୁ ଲକ୍ଷ୍ୟ ରଖିଥିଲେ। ହେଲେ ସବୁ ଫସର ଫାଟିଲା। ନିର୍ବାଚନରେ ଲୋକମାନେ ବିଜେଡିକୁ ବାମ୍ଫ ଦେଲେ। ଲୋକମାନେ ବିଜେଡିକୁ ଏମିତି ବାମ୍ଫ ଦେଲେ ଯେ, ସେମାନେ ଏକଦମ୍ ଆଣ୍ଠେଇ ପଡ଼ିଲେ। ନିର୍ବାଚନରେ ପରାଜୟର ଦିନକ ପରେ ଆର୍ଥାତ ବୁଧବାର ରାତିରେ ମାଲକାନଗିରି ଜିଲ୍ଲାରେ ଗଡୁଥିବା ଲକ୍ଷ୍ମୀ ବସ୍‌ରୁ ଲକ୍ଷ୍ମୀ ଷ୍ଟିକର ଗାଏବ ହୋଇଯାଇଛି। ତେବେ ଏହି ଟିକର ଗୁଡ଼ିକ କିଏ ଓ କାହିଁକି କାଢ଼ିଲେ, ସେନେଇ କାହା ପାଖରେ କିଛି ଉତ୍ତର ନାହିଁ। ଯାହାକୁ ନେଇ ବସ୍ ଯାତ୍ରୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଉଛି। ବସ୍ କର୍ମଚାରୀ ସଞ୍ଜୀବ ବାଲା କହିଛନ୍ତି, ଆଗରୁ ଲକ୍ଷ୍ମୀ ବସ୍‌ରେ ଭଲ ଲୋକ ହେଉଥିଲେ। ଲୋକମାନେ ଠିଆ ହୋଇ ୫ ଟଙ୍କାରେ ଯାଉଥିଲେ। ବସ୍‌ରେ ଯିବା ପାଇଁ ଦୀର୍ଘ ସମୟ ଧରି ଷ୍ଟାଣ୍ଡରେ ଅପେକ୍ଷା କରୁଥିଲେ। ହେଲେ ନିର୍ବାଚନ ପରେ ବେଶୀ ଲୋକ ହେଉନାହାନ୍ତି। ଏବେ ଲୋକମାନେ ଯାତ୍ରା କଲା ବେଳେ ବସ୍ ବନ୍ଦ ହୋଇଯିବ କି ବୋଲି ବାରମ୍ବାର ପଚାରୁଛନ୍ତି। ଆମେ ତାଙ୍କ ପ୍ରଶ୍ନର ଉତ୍ତର ଦେଇ ଦେଇ ହାଲିଆ ହୋଇଗଲୁଣି। ନୂଆ ସରକାର ଆସିବା ପରେ ଲୋକଙ୍କ ମନରେ ଗୋଟିଏ ଭୟ ପଶି ଯାଇଛି। ବସ୍ ଚାଲିବା ବନ୍ଦ ହୋଇଗଲେ କେମିତି ଯିବାଆସିବା କରିବେ ବୋଲି କହୁଛନ୍ତି। ଆମେ ସେମାନଙ୍କୁ କେବଳ ପ୍ରତିଶ୍ରୁତି ଦେଉଛୁ ବୋଲି କର୍ମଚାରୀ ଜଣକ କହିଛନ୍ତି। ତେବେ ଷ୍ଟିକର କାଢ଼ିବାକୁ ନେଇ ଶ୍ରୀ ବାଲା କହିଛନ୍ତି, ଲକ୍ଷ୍ମୀ ଷ୍ଟିକର କାହିଁକି କଢ଼ାଗଲା ଜାଣିନି। ସିଏମ୍‌ଡି ସାର ଅଡର ଦେଇଥିବେ ବୋଧହୁଏ। ସେଥିପାଇଁ ଗତକାଲି ରାତିରେ କାଢ଼ିଦେଲେ ବୋଲି ଶ୍ରୀ ବାଲା କହିଛନ୍ତି।

### ଦିଲ୍ଲୀର ତାଜ୍ ହୋଟେଲରେ ...

ସାଢ଼େ ୮ଟାରେ ଭିସ୍ତାରା ଏୟାରଲାଇନ୍ସ ଯୋଗେ ଦିଲ୍ଲୀ ଯାଇଛନ୍ତି । ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦର ନିକଟସ୍ଥ 'ତାଜ୍ ପ୍ୟାଲେସ୍'ରେ ରହୁଥିବା ସୂଚନା ମିଳିଛି। ତେବେ ପାଣ୍ଡିଆନ କାହିଁକି ଦିଲ୍ଲୀ ଯାଇଛନ୍ତି ତାହା ଜଣାପଡ଼ିନି । ମାତ୍ର ଅସମର୍ଥିତ ସୂତ୍ର ଅନୁସାରେ ପାଣ୍ଡିଆନ ନିଜକୁ ବିଜେଡିଠୁ ଦୂରେଇ ରଖିବେ ବୋଲି ଦଳର ନେତାମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ପାଣ୍ଡିଆନ ନିଜକୁ ବିଜେଡି ଓ ସରକାରର ସର୍ବେସର୍ବା ଭାବି ନିଷ୍ପତ୍ତି ନେବା ସହ ମନମୁଖୀ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିବା ଯୋଗୁ ବିଜେଡିକୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି । ପାଣ୍ଡିଆନ ନିଜର ସହଯୋଗୀ ପ୍ରଣବପ୍ରକାଶ ଦାସ, ଡିଏସ କୁଟ୍ଟେ, ମାନସ ମଙ୍ଗରାଜ, ଆର ଭିନିଲ କ୍ରିଷ୍ଣା,ଆଶୀଷ ସିଂ ଓ ମନୋଜ ମିଶ୍ରଙ୍କ ଭଳି କିଛି ହାତଗଣତି ତୋଷାମଦକାରୀଙ୍କୁ ଧରି ମନମୁଖୀ କାର୍ଯ୍ୟ କରିବା ବିଜେଡିକୁ ମହଙ୍ଗା ପଡ଼ିଛି । ଦଳର ବିପର୍ଯ୍ୟୟ ହେବା ସହ ନବୀନ ପଟ୍ଟନାୟକଙ୍କୁ ମଧ୍ୟ କ୍ଷମତାଚ୍ୟୁତ ହେବାକୁ ପଡ଼ିଛି । ନବୀନଙ୍କ ଏଭଳି ଲଜ୍ୟାଜନକ ବିଦାୟ ଓ ବିଜେଡିର ବିପର୍ଯ୍ୟୟ ପାଇଁ ଦଳର ଲକ୍ଷ ଲକ୍ଷ କର୍ମୀ ଏବଂ ସାଧାରଣ ଜନତା ସିଧାସଳଖ ପାଣ୍ଡିଆନ ଓ ତାଙ୍କର ଏହି ତୋଷାମଦକାରୀ ଟିମକୁ ଦାୟୀ କରୁଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ନିର୍ବାଚନ କମିଶନଙ୍କ ଛାଟ ଯୋଗୁ ଚାକିରିରୁ ନିଲମ୍ବିତ ଆଇପିଏସ୍ ଡିଏସ କୁଟ୍ଟେଙ୍କୁ ଓଡ଼ିଶା ନିବାସରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିବା ଚର୍ଚ୍ଚା ହେଉଛି। ଗତ ୨୯ତାରିଖରୁ ଓଡ଼ିଶା ନିବାସର ଗୋଟିଏ ମହଲାକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣରେ ରଖି ନିଜେ ଗୋଟିଏ ରୁମରେ ଶ୍ରୀ କୁଟ୍ଟେ ରହିବା ସହ ଅନ୍ୟ ରୁମରେ ନିଜର ପୋଷା କୁକୁରକୁ ଏସି ଲଗାଇ ରଖିଥିବା ଚର୍ଚ୍ଚା ହେଉଛି । ତେବେ ନିର୍ବାଚନ ଫଳାଫଳ ଆସିବା ପରେ ତାଙ୍କୁ ଏଥିପାଇଁ ନିବାସର କର୍ମଚାରୀଙ୍କ ରୋଷର ଶିକାର ହେବାକୁ ପଡ଼ିଛି । ଶ୍ରୀ କୁଟ୍ଟେଙ୍କୁ ଗୋଟିଏ ରୁମ୍ ଛାଡ଼ିବାକୁ ପଡ଼ିଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ, ଗତ ମେ' ୨୮ତାରିଖରେ ଶ୍ରୀ କୁଟ୍ଟେଙ୍କୁ ନିର୍ବାଚନ କମିଶନ ଚାକିରିରୁ ନିଲମ୍ବନ କରି ୨୯ତାରିଖ ଅପରାହ୍ନ ୩ଟା ସୁଦ୍ଧା ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ଆବାସିକ କମିଶନର କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନ କମିଶନଙ୍କ କଠୋର ଆଭିମୁଖ୍ୟ ଯୋଗୁ ସେ ୨୯ତାରିଖରୁ ଓଡ଼ିଶା ନିବାସରେ ରହିଛନ୍ତି ।

### ବରିଷ୍ଠ ନେତାଙ୍କୁ ନିର୍ବାଚନ...

ଗରିବ ଜନସାଧାରଣ ଜନତା ଓ ମହିଳାଙ୍କ ମନରେ ଅଛନ୍ତି ବୋଲି ସେ କହିଛନ୍ତି।ବିଜେଡି ହାରିବା ନେଇ ଶ୍ରୀ ବେହେରା କହିଛନ୍ତି, ନିର୍ବାଚନ ପରିଚାଳନାରେ ତ୍ରୁଟି ବିଚ୍ୟୁତି ହୋଇଛି। ତେବେ ପରାଜୟର ମୁଖ୍ୟ କାରଣ ହେଉଛି, ନିର୍ବାଚନ ପରିଚାଳନାରେ ଦଳର ବରିଷ୍ଠ ନେତାଙ୍କୁ ଦୂରେଇ ରଖିବା। ଯାହା ସାଧାରଣରେ ଗ୍ରହଣୀୟ ହୋଇପାରିଲାନି। ଏହାର ସମୀକ୍ଷା କରାଯିବ। କିନ୍ତୁ ଆଜିର ସ୍ଥିତିରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଯେଉଁମାନେ ଜିତିଛନ୍ତି, ସେମାନେ ନିଶ୍ଚିତ ଭାବେ ଦଳର କାର୍ଯ୍ୟକ୍ରମକୁ ଆଗକୁ ନେବେ। ସେମାନେ ବିରୋଧୀ ଦଳର ଭୂମିକା ନିର୍ବାହ କରିବେ ବୋଲି ଶଶିଭୂଷଣ ବେହେରା କହିଛନ୍ତି। ସୂଚନାରୁ ପ୍ରକାଶ, ଚଳିତ ନିର୍ବାଚନରେ ବିଜେଡି ୫୧ ଆସନ ପାଇଥିବା ବେଳେ ବିଜେପି ୭୮, କଂଗ୍ରେସ ୧୪ ଓ ସ୍ୱାଧୀନ ୪ଟି ଆସନ ଜିତିଛନ୍ତି।

### ଶେୟାର ବଜାର କ୍ରାଶ ...

ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦିଷ୍ଟ ଭାବେ ନିବେଶ ପାଇଁ ପରାମର୍ଶ ଦେଇଥିଲେ ? ନିବେଶ ପାଇଁ ପରାମର୍ଶ ଦେବା ସେମାନଙ୍କର କାମ କି? ଷ୍ଟକ ମୂଲ୍ୟରେ ହେରଫେର କରିବା ଅଭିଯୋଗ ନେଇ ଯେଉଁ ବ୍ୟବସାୟିକ ଗ୍ରୁପ ବିରୋଧରେ ସେବି ତଦନ୍ତ କରୁଛି, ତା'ର ମାଲିକାନାରେ ଥିବା ଟିଭି ଚ୍ୟାନେଲକୁ ମୋଦି ଓ ଶାହ ଉଭୟ କାହିଁକି ସାକ୍ଷାତକାର ଦେଇଥିଲେ? ଆମେ ପୂରା ଘଟଣାର ଜେପିସି ତଦନ୍ତ ଚାହୁଁଛୁ। ଆମେ ହୃଦୟଙ୍ଗମ କରୁଛୁ ଯେ ଏହା ଏକ ଯୋଜନାବଦ୍ଧ ଦୁର୍ନୀତି। ଭାରତୀୟ ଖୁଚୁରା ନିବେଶକଙ୍କ ଠାରୁ କେହି ଜଣେ ହଜାର ହଜାର କୋଟି ଟଙ୍କା ହାସଲ କରୁଛି ଓ ମୋଦି-ଶାହ ଏହାକୁ କିଣିବାକୁ ସଙ୍କେତ ଦେଉଛନ୍ତି। ତେଣୁ ଏହାର ତଦନ୍ତ ପାଇଁ ଆମେ ଦାବି କରୁଛୁ।"

### ଇସ୍ତଫା ଦେଲେ...

ପାହ୍ୟାରେ ନିଯୁକ୍ତି ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏଭଳି କିଛି ଉଚ୍ଚ ପାହ୍ୟାରେ ନିଯୁକ୍ତ ହେଉଥିବା ବ୍ୟକ୍ତିଙ୍କୁ ସାଧାରଣତଃ ସରକାରଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ କିମ୍ବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ନିଯୁକ୍ତି ମିଳିଥାଏ। ସେହିଭଳି ପ୍ରଥମ ଥର ପାଇଁ ଇଲେକଟ୍ରୋନିକ୍ସ ଓ ଆଇଟି ବିଭାଗରେ ଠିକାରେ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଥିବା ମନୋଜ କୁମାର ମିଶ୍ର ମଧ୍ୟ ଇସ୍ତଫା ଦେଇଛନ୍ତି। ୨୦୨୨ ଡିସେମ୍ବର ୨୮ ତାରିଖରେ ସେ ରେଳବାଇ ଅଧିକାରୀ ପଦରୁ ସ୍ୱେଚ୍ଛାକୃତ ଅବସର ନେବା ମାତ୍ରେ ତା' ପରଦିନଠାରୁ ତାଙ୍କୁ ସେହି ବିଭାଗରେ ଠିକାରେ ପ୍ରମୁଖ ସଚିବ ରଖାଯାଇଥିଲା। ପୂର୍ବରୁ ସେ ମୁଖ୍ୟମନ୍ତ୍ରୀଙ୍କ ଅଫିସରେ ସ୍ୱତନ୍ତ୍ର ଅଧିକାରୀ ଭାବେ ବି କାମ କରିଥିଲେ। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟକୁ ଦେଖିଲେ କେବଳ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଏବେ ପ୍ରାୟ ୨୦ ଜଣ ଅବସରପ୍ରାପ୍ତ କର୍ମଚାରୀ ବିଭିନ୍ନ ସ୍ତରରେ କାମ କରୁଛନ୍ତି। ନୂଆ ସରକାର ଆସିବା ପରେ ରାଜ୍ୟରେ ନୂଆ ମୁଖ୍ୟମନ୍ତ୍ରୀ ଆସିବାକୁ ଯାଉଥିବାରୁ ଏଭଳି ଇସ୍ତଫାର ଧାରା ଅଧିକ ଲମ୍ବିପାରେ ବୋଲି ଆଲୋଚନା ହେଉଛି।

## ନିଜ ସ୍ୱରର ଯାଦୁରେ ଉତ୍କଳୀୟ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଆସିଛନ୍ତି ସଂଗୀତ ସୁଧାକର ବାଳକୃଷ୍ଣ ଦାସ

ଭୁବନେଶ୍ୱର, ୬/୬ (ନି.ପ୍ର):- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କର ୧୦୧ତମ ଜୟନ୍ତୀ ତାଙ୍କ ଜନ୍ମମାଟି ବାଲକାଟି ସହ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଅଛି । ପ୍ରତ୍ୟୁଷରେ ତାଙ୍କ ଜନ୍ମମାଟି ବାଲକାଟିଠାରେ କୁଆଖାଇ ନଦୀରେ ତିଳତର୍ପଣ କରାଯିବା ପରେ ପ୍ରତିମୂର୍ତ୍ତିସ୍ଥଳୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବାଳକୃଷ୍ଣ ସଂଗୀତ ଗାନ କରିଥିଲେ । ୧୯୨୩ ମସିହା ପବିତ୍ର ସାବିତ୍ରୀ ଅମାବାସ୍ୟା ତିଥିରେ ବସନ୍ତପେଡ଼ି ଗ୍ରାମରେ ଜନ୍ମ ହୋଇ ନିଜ ପ୍ରତିଭା ବଳରେ ଓଡ଼ିଶାର ସଂଗୀତ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଓଡ଼ିଶୀ, ଚମ୍ପୁ, ଆଧୁନିକ ସଂଗୀତ, ସୁଗମ ସଂଗୀତରେ କଣ୍ଠଦାନ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଓଡ଼ିଆ ଚଳଚ୍ଚିତ୍ରରେ ସଂଗୀତ ନିର୍ଦ୍ଦେଶନା ମଧ ଦେଇଥିଲେ । ସେ ଗାଇଥିବା 'ଆହା ଜୀବନ ଧନ ମୋର ପଖାଳ କଂସା' ଗୀତ ଏବେବି ଶ୍ରୋତାମାନଙ୍କୁ ଭାବବିହ୍ୱଳ କରିଆସୁଛି ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଗାନ୍ଧିବାଦୀ ବେଣୁଧର ଭୋଇ ଓ କବି ନୃସିଂହ ଚରଣ ସାହୁଙ୍କୁ ସଂଗୀତ ସୁଧାକର ବାଳକୃଷ୍ଣ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।
ଏହାପରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଡ. ମନୋରଂଜନ ପାଣିଗ୍ରାହୀ ସ୍ୱର୍ଗତ ଦାସଙ୍କ ପୁତ୍ର ଅରକ୍ଷିତ ଦାସ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗାନ୍ଧିବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ସଂଜୟ କୁମାର ପରିଡ଼ା, ଓଡ଼ିଶୀ ସଂକୀର୍ତ୍ତନ ଗୁରୁ ସରୋଜ କୁମାର ରାଉତରାୟଙ୍କ ସହିତ ବାଲକାଟି ସଭାରେ ଉପସ୍ଥିତ ବେଣୁଧର ଭୋଇ, ଆଡ୍‌ଭୋକେଟ୍ ମନୋଜ କୁମାର ନାୟକଙ୍କ ସହ ଅଗଣିତ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ଓଡ଼ିଶୀ ସଂକୀର୍ତ୍ତନ କଳାକାର ତଥା ଗୁରୁ ସରୋଜ କୁମାର ରାଉତରାୟଙ୍କୁ ସଂଗୀତ ସୁଧାକର ବାଳକୃଷ୍ଣ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

## ବଲାଙ୍ଗୀରରେ ବିଭିନ୍ନ ମନ୍ଦିରରେ ସାଧବା ମହିଳାଙ୍କ ସାବିତ୍ରୀ ବ୍ରତ ପାଳନ

ବଲାଙ୍ଗୀର, ୬/୬ (ନି.ପ୍ର): ଆଜି ପବିତ୍ର ସାବିତ୍ରୀ ବ୍ରତ। ହିନ୍ଦୁ ଧର୍ମରେ ସଧବା ମହିଳାମାନେ ଖୁବ୍ ଉଲ୍ଲାସର ସହ ସାରା ଓଡ଼ିଶାରେ ଏହି ବ୍ରତ ରଖୁଥିବାବେଳେ ଏହି କ୍ରମରେ ବଲାଙ୍ଗୀର ସହରରେ ମଧ ଘରେ ଘରେ ପାଳିତ ହେଉଛି ସାବିତ୍ରୀ ବ୍ରତ। ବଲାଙ୍ଗୀର ଜଗନ୍ନାଥ ପଡା ସ୍ଥିତ ଜଗନ୍ନାଥ ମନ୍ଦିର, ଟିକରାପଡ଼ା ରାମ ମନ୍ଦିର, ବଲାଙ୍ଗୀର ରାଧାରାଣୀପଡ଼ା ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଆଖପାଖର ସଧବା ମହିଳାମାନେ ଏକତ୍ରିତ ହୋଇ ସାବିତ୍ରୀ ସତ୍ୟବାନଙ୍କୁ ପୂଜା କରିଛନ୍ତି। ପ୍ରତ୍ୟେକ ପତିବ୍ରତା ବ୍ରତୀ ନିର୍ଜଳା ଉପବାସ ରଖି ୨୧ ପ୍ରକାର ଫଳରେ ସଜ୍ଜିତ ପୂଜା ଥାଳି ଧରି ମନ୍ଦିରରେ ପହଂଚିଥିବାବେଳେ ମନ୍ଦିର ପୂଜକ ନିଷ୍ଠା ତଥା ନୀତିକାନ୍ତି ସହ ପୂଜା ଅର୍ଚ୍ଚନା କରି ପ୍ରତ୍ୟେକ ବ୍ରତୀଙ୍କୁ ସାବିତ୍ରୀ ସତ୍ୟବାନଙ୍କ ପବିତ୍ର କଥା ଶୁଣାଇଛନ୍ତି। ପୂଜା ପରେ ପତିବ୍ରତା ସଧବା ମହିଳାମାନେ ନିଜ ନିଜ ଘରକୁ ଫେରି ସ୍ୱାମୀଙ୍କ ପୂଜା ସାରି ଆଶୀର୍ବାଦ ନେବା ପରେ ବ୍ରତ ଧାରଣ କରି ପ୍ରସାଦ ସେବନ କରିଛନ୍ତି। ତେବେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ହିନ୍ଦୁ ସଧବା ମହିଳାମାନେ ଏହି ବ୍ରତ କାହିଁ କେଉଁ କାଳରୁ ଜ୍ୟେଷ୍ଠ ଅମାବାସ୍ୟା ଦିନ ପାଳନ କରି ଆସୁଛନ୍ତି।

## ବିନୋଦ କାନୁନ୍‌ଗୋଙ୍କ ଜ୍ଞାନମଣ୍ଡଳ ପ୍ରତ୍ୟେକ ବିଦ୍ୟାର୍ଥୀ ଅଧ୍ୟୟନ କରିବା ଆବଶ୍ୟକ

ଭୁବନେଶ୍ୱର, ୬/୬ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଜ୍ଞାନମଣ୍ଡଳ ପ୍ରଣେତା ଜ୍ଞାନ ତପସ୍ୱୀ ବିନୋଦ କାନୁନ୍‌ଗୋଙ୍କ ୧୧୨ତମ ଜୟନ୍ତୀ ଗୁରୁବାର ପ୍ରତ୍ୟୁଷରେ ଭୁବନେଶ୍ୱର ଓଡ଼ିଶା ଅଭିଲେଖାଗାର ପରିସରସ୍ଥ ପ୍ରତିମୂର୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କରିବା ପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ଓଡ଼ିଶୀ ସଂକୀର୍ତନ ଗୁରୁ ସରୋଜ କୁମାର ରାଉତରାୟ, ସଂଜୟ କୁମାର ପରିଡ଼ା, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, କେଦାରନାଥ ପାଢ଼ୀ, ପ୍ରକାଶ ଚନ୍ଦ୍ର ସେଠୀ, ରବିନ୍ଦ୍ର କୁମାର ଭୋଇ, ଅଶୋକ ମାଝୀ, ଅମିତ ପାତାଳସିଂହ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ ବିନୋଦ କାନୁନ୍‌ଗୋଙ୍କର ସ୍ମୃତିଚାରଣ କରିଥିଲେ। ଛାତ୍ର ଜୀବନରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିନୋଦ ବାବୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ସହ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୯୩୪ ମସିହା ମଇ ଓ ଜୁନ୍ ମାସରେ ଓଡ଼ିଶା ପଦଯାତ୍ରା ସମୟରେ ତାଙ୍କ ସହିତ ରହି ଗାନ୍ଧୀଙ୍କ ପଦଯାତ୍ରା କାର୍ଯ୍ୟକ୍ରମର ଖବର ଲିପିବଦ୍ଧ କରି ଗଣମାଧ୍ୟମକୁ ପ୍ରଦାନ କରୁଥିଲେ। ଦେଶ ସ୍ୱାଧୀନତା ପରେ ସେ କ୍ଷମତା ରାଜନୀତିରେ ଯୋଗ ନଦେଇ ଜ୍ଞାନମଣ୍ଡଳ ପ୍ରକାଶନ ପାଇଁ ଉଦ୍ୟମ ଆରମ୍ଭ କରି ପ୍ରକାଶନ କରିଥିଲେ। ଜ୍ଞାନମଣ୍ଡଳ ଓଡ଼ିଆ ଭାଷାରେ ଏନସାଇକ୍ଲୋପିଡ଼ିଆ ଭାବରେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଜ୍ଞାନର ଆଲୋକ ପ୍ରଦାନ କରିଆସୁଛି ବୋଲି ମତଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟ ଅଭିଲେଖାଗାରର ଅଧିକ୍ଷକ ଡଃ ସୋଲେମାନ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଧବା ନାରୀଙ୍କ ସାବିତ୍ରୀ ବ୍ରତ

ପୁରୀ, ୬/୬ (ନି.ପ୍ର): ଆଜି ପବିତ୍ର ସାବିତ୍ରୀ ଅମାବାସ୍ୟା। ବିବାହିତ ମହିଳାଙ୍କ ଶ୍ରେଷ୍ଠ ପର୍ବ ସାବିତ୍ରୀ । ସକାଳୁ ସକାଳୁ ସାବିତ୍ରୀ ବ୍ରତ ଶ୍ରଦ୍ଧା, ନିଷ୍ଠା ଓ ଭକ୍ତି ସହ ଶ୍ରୀକ୍ଷେତ୍ର ସମେତ ପୁରୀ ଜିଲ୍ଲାର ପୁରପଲ୍ଲୀରେ ପାଳିତ ହୋଇଯାଇଛି । ସଧବା ମହିଳାମାନେ ସକାଳୁ ସ୍ନାନ କାର୍ଯ୍ୟ ଶେଷ କରି ନିଷ୍ଠା ଓ କାଷ୍ଠର ସହ ସାବିତ୍ରୀ ବ୍ରତ ପାଇଁ ପୂଜା ସାମଗ୍ରୀ ସଂଗ୍ରହ କରିଥିଲେ। କେତେକ ମହିଳା ଘରେ ପୂଜା କରିଥିବା ବେଳେ ଅଧିକାଂଶ ମହିଳା ଏକତ୍ରୀତ ହୋଇ ଶିଳରେ ହଳଦି, ସିନ୍ଦୁର, ଚନ୍ଦନ ଫୁଲ ଓ ନୂଆ ଶାଢି ସହ ପୂଜା କରିଥିବା ବେଳ ବିଭିନ୍ନ ଶୈବ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଏହି ବ୍ରତରେ ବନଯାତ ଦ୍ରବ୍ୟ ପଣସ, ତାଳ, ସେପଟା, ଖଜୁରୀ କୋଳି, ସପୁରୀ, ଚେରୀ, ପିଜୁଳି, ଆମ୍ବ, କଦଳୀ, ଲିଚୁ କୋଳି, କାକୁଡି ଆଦି ଫଳମୂଳ ପୂଜା କରାଯାଇଥିଲା । ଗଜାମୁଗ ଓ ପଣସ ବାସ୍ନାରେ ମହକିଥିଲା । ଭୋଗ ଥାଳିରେ ନୂଆ ଶାଢି, ଚୁଡି, ଅଳତା, ସିନ୍ଦୁର ଠାକୁରାଣୀଙ୍କୁ ଲାଗି କରାଯାଇଥିଲା । ବିଶେଷକରି ନବଦମ୍ପତି ମାନେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଥିଲା । ସ୍ୱାମୀଙ୍କ ଦୀର୍ଘାୟୁ କାମନା ସହ ଉତମ ସ୍ୱାସ୍ଥ୍ୟ ଓ ବିପତିରୁ ରକ୍ଷା କରିବା ପାଇଁ ଏହି ପୂଜା କରାଯାଇଥାଏ । ପୁରାଣ କଥା ମନେ ପକାଇ ସତ୍ୟବାନ ସାବିତ୍ରୀଙ୍କ ପୂଜା ବହି ପଢୁଥିବା ଦେଖିବାକୁ ମିଳିଥିଲା । ସଧବା ମହିଳାମାନେ ପୂଜା ସାରି ସ୍ୱାମୀଙ୍କ ଉତମ ସ୍ୱାସ୍ଥ୍ୟ, ନିରାମୟ ଜୀବନ ଓ ଦୀର୍ଘ ଜୀବନ କାମନା କରି ଦେବାଦେବୀ ମନ୍ଦିରରେ ମୁଣ୍ଡିଆ ମାରିଥିଲେ । ସ୍ୱାମୀଙ୍କୁ ମୁଣ୍ଡିଆ ମାରିବା ସହ ଗୁରୁଜନଙ୍କୁ ମୁଣ୍ଡିଆ ମାରି ଆଶିର୍ବାଦ ପାଇଥିଲେ । କାଷ୍ଠା ଉପବାସ ସହ ପଣାପାଣି ପିଇ ଦିନ ତମାମ ଘରେ ରହିଥିଲେ ।

## ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟ ମାମଲାରେ ଏତଲା ଦେଲା କଂଗ୍ରେସ

ଭୁବନେଶ୍ୱର, ୬/୬ (ନି.ପ୍ର): ସାମାଜିକ ଗଣମାଧ୍ୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଆପତିଜନକ ପୋଷ୍ଟ ଓ ହତ୍ୟାଧମକ ବିରୋଧରେ ସାଇବର ଥାନାରେ ଏତଲା ଦେଇଛି କଂଗ୍ରେସ । ରାହୁଲ ଗାନ୍ଧୀଙ୍କୁ ଆକ୍ଷେପ କରି ଏକ ଆପତିଜନକ ପୋଷ୍ଟ "ଭାରତ ସିନେମା" ନାମକ ଏକ ମିଡିଆ ସଂସ୍ଥା ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରିବା ଘଟଣାକୁ ନେଇ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭୁବନେଶ୍ୱର ସ୍ଥିତ ସାଇବର ଥାନାରେ ଏତଲା ଦାୟର କରାଯାଇଛି। ଏହା ସହିତ ତୁରନ୍ତ ଏହି ମିଡିଆ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିନିଧି ଦଳ ଦାବି କରିଛନ୍ତି। ଏହି ପୋଷ୍ଟରେ ଉଲ୍ଲେଖ ରହିଛି ଯେ "କଂଗ୍ରେସ ଓଡ଼ିଶାରେ କେବେବି ଆସିବ ନାହିଁ, ରାହୁଲ ଗାନ୍ଧୀ ଓଡ଼ିଶା ଆସିଲେ ମୁଁ ନାଥୁରାମ ଗଡ଼ସେ ହେବି, ଫଟୋଚିତ୍ର ଦ୍ୱାରା ଦର୍ଶାଯାଇଛି ଯେ ଭାରତ ସିନେମା ପ୍ରତିନିଧିଙ୍କ ଲକ୍ଷ୍ୟ ରାହୁଲ ଗାନ୍ଧୀଙ୍କୁ ଗୁଳିରେ ବନ୍ଧୁକଦ୍ୱାରା ହତ୍ୟା କରିବି ଯେପରି ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡ଼ସେ ଗୁଳି ଦ୍ୱାରା ହତ୍ୟା କରିଥିଲେ"। ଏହି ପୋଷ୍ଟରେ ରାହୁଲ ଗାନ୍ଧୀଙ୍କୁ ହତ୍ୟା ଧମକ ଦେବା ଦେଖାଯାଇଛି। ଏହି ସଂସ୍ଥା କାହା ଦ୍ୱାରା ପରିଚାଳିତ ତତ୍‌ସହିତ ଏହି ଘଟଣାର ସତ୍ୟାସତ୍ୟ ଅନୁସଂଧାନ କରି ଉପରୋକ୍ତ ସଂସ୍ଥା ଓ ଏହା ପଛପଟରେ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ପ୍ରତିନିଧି ଦଳ ଦାବୀ ଜଣାଇଛନ୍ତି। ଏହି ପ୍ରତିନିଧି ଦଳରେ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ବ୍ରହ୍ମା କୁମାରୀଜ୍ ସମ୍ବଲପୁର ଦ୍ୱାରା ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ

ସମ୍ବଲପୁର, ୬/୬ (ନି.ପ୍ର): ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସମ୍ବଲପୁର ଦ୍ୱାରା ବ୍ରହ୍ମା କୁମାରୀଜ୍ ସେବା କେନ୍ଦ୍ର କ୍ଷେତରାଜପୁର ଠାରେ ବୁଧବାର ଅପରାହ୍ନ ସାଢେ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏକ ଶୈକ୍ଷିକ ବାତାବରଣ ମଧ୍ୟରେ ବିଶ୍ୱ ପର୍ଯ୍ୟାବରଣ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ପରିବେଶବିତ ଭ୍ରାତା ସୁବ୍ରତ ନାଥ, ଅତିଥି ସହକାରୀ ଉଦ୍ୟାନ ଅଧିକାରୀ ବିକେ ମୌସୁମୀ ଭଉଣୀ ତଥା ମୁଖ୍ୟବକ୍ତା ସମ୍ବଲପୁର ମୁଖ୍ୟ ସେବା କେନ୍ଦ୍ରର ବିକେ ଦୀପା ଭଉଣୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଭଉଣୀ ପ୍ରାଞ୍ଜଳ ପରିବେଶ ଆଧାରିତ ଏକ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସହକାରୀ ଉଦ୍ୟାନ ଅଧିକାରୀ ବିକେ ମୌସୁମୀ ଭଉଣୀ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନର ପୃଷ୍ଠଭୂମି ତଥ୍ୟ ପ୍ରଦାନ କରିଥିଲେ ତଥା ପ୍ରକୃତି ପଂଚତତ୍ୱର ସଂରକ୍ଷଣ ସହିତ ଆଧାତ୍ମିକ ଓ ବୈଜ୍ଞାନିକ କାରଣର ସାମଞ୍ଜସ୍ୟ ବୁଝାଇଥିଲେ । ମୁଖ୍ୟ ଅତିଥି ଭ୍ରାତା ସୁବ୍ରତ ନାଥ ପରିବେଶ ସୁରକ୍ଷାର ଉପାଦେୟତା ସମ୍ବନ୍ଧ ରେ ବୁଝାଇ କହିଲେ ଯେ ଗଛ ଲଗାଇବା ସହ ରହିଥିବା ଗଛର ସୁରକ୍ଷା କରିବା ନିତାନ୍ତ ଆବଶ୍ୟକ । ଅନେକ ଗଛ ଲଗାଇବା ଠାରୁ ଗୋଟିଏ ଗଛ ଲଗାଇ ତାର ରକ୍ଷଣା ବେକ୍ଷଣ କରି ବଡ କରିବା ଅଧିକ ଭଲ । ଏହା ସହିତ ଉପସ୍ଥିତ ସମସ୍ତ ଙ୍କୁ ଗୋଟିଏ ଗଛ ଲଗାଇ ବଡ ହେବା ଯାଏ ଯତ୍ନ ନେବା ପାଇଁ ଶପଥ କରାଇ ଥିଲେ । ମୁଖ୍ୟବକ୍ତା ବିକେ ଦୀପା ଭଉଣୀ ପ୍ରକୃତିର ପାଂଚତତ୍ୱ ଆମକୁ କି କି ଶିକ୍ଷା ଦେଉଛି ସେ ବିଷୟରେ ବିସ୍ତୃତ ଭାବେ ବୁଝାଇ କହିଥିଲେ ଏବଂ ସମସ୍ତଙ୍କୁ ରାଜଯୋଗର ଅଭ୍ୟାସ କରାଇଥିଲେ । ଆୟୋଜିତ କାର୍ଯ୍ୟକ୍ରମ ଉପଲକ୍ଷେ ୬ ବର୍ଷରୁ ୧୫ ବର୍ଷ ପିଲାଙ୍କ ମଧ୍ୟରେ ପରିବେଶ ଆଧାରିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା । ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ନେଇ ସାତଟି ଦଳ କରାଯାଇ ପରିବେଶ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଦଳଗତ ଆଲୋଚନା କରା ଯାଇଥିଲା ଏବଂ ପ୍ରତ୍ୟେକ ଦଳର ମୁଖ୍ୟ ଆଲୋଚନାର ସାରାଂଶ ସର୍ବ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପ୍ରାପ୍ତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରା ଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କ୍ଷେତରାଜପୁର ସେବା କେନ୍ଦ୍ର ସଂଚାଳିକା ବିକେ ରାଶେଶ୍ୱରୀ ଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ତଥା ଅଭିଭାବକ ମୋଟରେ ୭୫ ଜଣ ଯୋଗଦାନ କରିଥିଲେ । ସାଢେ ୫ଟାରୁ ୮ଟା ପର୍ଯ୍ୟନ୍ତ ମୋଟ ଅଢେଇ ଘଣ୍ଟାର କାର୍ଯ୍ୟକ୍ରମ ଅତି ସୃଜନଶୀଳତା ମଧ୍ୟରେ ସମାପନ ହୋଇଥିଲା।

## ସାମ୍ବାଦିକଙ୍କ ସୁରକ୍ଷା ନେଇ ଜିଲ୍ଲା ଭଏସ୍ ଅଫ୍ ମିଡିଆର ବୈଠକ

ସମ୍ବଲପୁର, ୬/୬ (ନି.ପ୍ର): ସମ୍ବଲପୁର ଜିଲ୍ଲା ଭଏସ୍ ଅଫ୍ ମିଡିଆ ପକ୍ଷରୁ କର୍ତବ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ନେଇ ଏକ ଜରୁରୀ ବୈଠକ ହୋଟେଲ ସାକେତ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ଭଏସ୍ ଅଫ୍ ମିଡିଆ ସଭାପତି ରାଧେଶ୍ୟାମ ପଣ୍ଡା ସଭା ପରିଚାଳନା କରିଥିବା ବେଳେ ସଂଗଠନର ରାଜ୍ୟ ସଭାପତି ପ୍ରଭାତ କୁମାର ମିଶ୍ର ମୁଖ୍ୟ ଅତିଥି, ରାଜ୍ୟ ଉପସଭାପତି ଆଶୁତୋଷ ରଥ, ରାଜ୍ୟ ସମ୍ପାଦକ ଉମାଶଙ୍କର ପ୍ରସାଦ, ସାମ୍ବାଦିକ ଡ.ଦାଶରଥି ବେହେରା, ସାମ୍ବାଦିକ ମନୋରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂପାଦକ ହରିଶଙ୍କର ମିଶ୍ର ପ୍ରମୁଖ ଆୟୋଜିତ ସଭାରେ ମଂଚାସୀନ ହୋଇଥିଲେ। ସଭାରେ ଉପସ୍ଥିତ ସମସ୍ତ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାମ୍ବାଦିକମାନେ ସର୍ବଦା ନିର୍ଭିକ ଓ ନିରପେକ୍ଷ ଭାବରେ ସାମ୍ବାଦିକତା କରିବା ପାଇଁ ମୁଖ୍ୟ ଅତିଥି ଆହ୍ୱାନ ଦେଇଥିଲେ। ଖବର ସଂଗ୍ରହ ଓ ପରିବେଷଣ ସମୟରେ କର୍ତବ୍ୟରତ ସାମ୍ବାଦିକ ମାନଙ୍କ
ବିଭିନ୍ନ ସମସ୍ୟା ଆଲୋଚନା ହେବାପରେ ମଂଚାସୀନ ଅତିଥିମାନେ ଏହାକୁ ହୃଦୟଙ୍ଗମ କରି ସାମ୍ବାଦିକ ମାନଙ୍କ ସୁରକ୍ଷା, ପେନସନ୍ ଓ ଭତା ଏକ ନ୍ୟାର୍ଯ୍ୟ ଅଧିକାର ବୋଲି ମତପ୍ରକାଶ କରିବା ସହ ନୂତନ ସରକାର ଠାରେ ଦାବି ଜଣାଇ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯିବ ବୋଲି ମୁଖ୍ୟ ଅତିଥି ଘୋଷଣା କରିଥିଲେ।

